# ଲୋକଙ୍କ ନିକଟତର ହୋଇଛି ବିଜୁ ଜନତା ଦଳ

## ମା'କାଳୀଙ୍କ ଆଶୀର୍ବାଦ ଗ୍ରହଣ କରି ମାଲକାନଗିରି ବିଜୁ ଜନତା ଦଳର ନିର୍ବାଚନ ପ୍ରଚାର ଆରମ୍ଭ



**ମାଲକାନଗିରି,୨୩।୩(ସମିସ):** ପାଖେଇ ଆସୁଛି ୨୦୨୪ ନିର୍ବାଚନ, ଯାହାକୁ ନେଇ ନିଜର ଗଡ଼ ସଜାଡୁଛନ୍ତି ସବୁ ରାଜନୈତିକ ଦଳ। ତେବେ ଏହି କ୍ରମରେ ସବୁଠାରୁ ଆଗରେ ରହିଛି ବିଜୁ ଜନତା ଦଳ। କାରଣ ନିର୍ବାଚନର ବହୁ ପୂର୍ବରୁ ଦଳ ପକ୍ଷରୁ ଦଳୀୟ ନେତା ଓ କର୍ମୀ ତୃଣମୂଳସ୍ତରରେ ଲୋକଙ୍କ ନିକଟରେ ପହଞ୍ଚିଥିବାବେଳେ ବର୍ତ୍ତମାନ ଆରମ୍ଭ ହୋଇଯାଇଛି ନିର୍ବାଚନ ପ୍ରଚାରପ୍ରସାର। ମାଲକାନଗିରି ଜିଲ୍ଲାରେ ଜିଲ୍ଲା ବିଜୁ ଜନତା ଦଳ ପକ୍ଷରୁ ଏପରି ପଦକ୍ଷେପ ନିଆଯାଇଥିବାବେଳେ ଜିଲ୍ଲା ସଭାପତି ତଥା ପୂର୍ବତନ ବିଧାୟକ ମାନସ ମାଡ଼କାମିଙ୍କ ନେତୃତ୍ୱରେ ଜିଲ୍ଲା ସଦର ବ୍ଲକର ଚାଲାଣଗୁଡ଼ା ପଞ୍ଚାୟତ ଅନ୍ତର୍ଗତ ନିଜ ଏମଭି-୪୫ ଗ୍ରାମର ମା'କାଳୀ ମନ୍ଦିର ପ୍ରାଙ୍ଗଣରେ ମା'ଙ୍କ ଆଶୀର୍ବାଦ ଗ୍ରହଣ କରି ଶନିବାର ବିଜୁ ଜନତା ଦଳ ପାଇଁ ନିର୍ବାଚନ ପ୍ରଚାରପ୍ରସାର ଆରମ୍ଭ ହୋଇଛି। ଏହି ଅବସରରେ ଏକ ସାଧାରଣ ସଭାର ଆୟୋଜନ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସୁଦୃଢ଼ ନେତୃତ୍ୱ ଏବଂ ବଳିଷ୍ଠ ଶାସନନୀତି ମାଧ୍ୟମରେ ଓଡ଼ିଶାରେ ପୁନଶ୍ଚ ବିଜୟର ଧ୍ୱଜା ଉଡ଼ାଇବା ସହ ଷଷ୍ଠ ଥର ଭାବେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ହେବେ ବୋଲି ଶ୍ରୀ ମାଡ଼କାମୀ ଉପସ୍ଥିତ ଜନସାଧାରଣଙ୍କୁ ଉଦବୋଧନ ଦେଇଛନ୍ତି। ସଭାରେ ଜିଲ୍ଲାର ୨୧୪ ଟି ବେଙ୍ଗଲି ଗ୍ରାମର ନେତୃତ୍ୱ ନେଉଥିବା ଓ ମାଲକାନଗିରି ଜିଲ୍ଲା ବିଜୁ ଜନତା ଦଳର ଜିଲ୍ଲା କାର୍ଯ୍ୟକାରୀ ସଭାପତି ଦୁର୍ଗାପ୍ରସାଦ ତ୍ରିପାଠୀ ଯୋଗଦେଇ ଉପସ୍ଥିତ ଜନସାଧାରଣଙ୍କୁ ଚଳିତ ନିର୍ବାଚନରେ ଘରେଘରେ ବାଜିବ ଶଙ୍ଖ, ସାଢ଼େ ୪ କୋଟି ଓଡ଼ିଶାବାସୀଙ୍କ ଆଶୀର୍ବାଦରେ ପୁନର୍ବାର ନବୀନ ବାବୁ ସରକାର ଗଠନ କରିବେ ବୋଲି ପ୍ରକାଶ କରିଥିଲେ। ମାଲକାନଗିରି ଜିଲ୍ଲାର ପ୍ରତି ସମସ୍ୟା ଉପରେ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ଧ୍ୟାନଦେଇ ଏହାର ସମାଧାନ କରିଛନ୍ତି ଏବଂ ଆଗକୁ ବି ଜାରି ରଖିବେ। ଜିଲ୍ଲାକୁ ରାଜ୍ୟ ବିକାଶର ଲଞ୍ଚପ୍ୟାଡ୍ ଭାବେ ବିବେଚିତ କରି ଜିଲ୍ଲାର ପ୍ରତି ପରିବାର ଓ ଲୋକଙ୍କ ପ୍ରତି ମୁଖ୍ୟମନ୍ତ୍ରୀଙ୍କ ଭଲ ପାଇବା ରହିଛି ବୋଲି କହିବା ସହ ଲୋକସଭା ଓ ବିଧାନସଭା ନିର୍ବାଚନରେ ଏଥର ଦୁଇଟି ଭୋଟ ବିଜୁ ଜନତା ଦଳ ତଥା ଶଙ୍ଖଚିହ୍ନ ଓ ମୁଖ୍ୟମନ୍ତ୍ରୀଙ୍କ ହାତ ମୁଠାକୁ ଆହୁରି ଅଧିକ ଶସକ୍ତ କରିବାକୁ ଦଳୀୟ ନେତୃମଣ୍ଡଳୀ ଏହି ଅବସରରେ ଲୋକଙ୍କୁ ଅନୁରୋଧ କରିଛନ୍ତି। ଆୟୋଜିତ ଏହି ସଭାରେ ଚାଲାଣଗୁଡ଼ା ସମିତିସଭ୍ୟ ଆନନ୍ଦ ମାଲାକାର ସଭା ପରିଚାଳନା କରିଥିଲେ। ଉକ୍ତ ସଭାରେ ବିଜୁ ଜନତା ଦଳର ବରିଷ୍ଠ ନେତା ତଥା ଚାଲାଣଗୁଡ଼ା ଜିଲ୍ଲା ପରିଷଦ ଜୋନ୍ ସଂଯୋଜକ ପ୍ରଫୁଲ୍ଲ ପଣ୍ଡା, ମାଲକାନଗିରି ବ୍ଲକ ଅଧ୍ୟକ୍ଷା ଗୌରୀ ପଡ଼ିଆମୀ, ଦିବାସ ମିସ୍ତ୍ରୀ, ଯୁବ ନେତା ଗାନ୍ଧୀ କୁମାର ପଣ୍ଡା, ବିଜେଡି ମିଡିଆ ସଂଯୋଜକ ସଦାନନ୍ଦ ଖରାଙ୍କ ସହ ସ୍ଥାନୀୟ ଗ୍ରାମର ସମସ୍ତ ବୁଦ୍ଧିଜୀବୀ, ଗ୍ରାମବାସୀ, ବିଜୁ ଜନତା ଦଳର ସକ୍ରିୟ କାର୍ଯ୍ୟକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ। ଦଳକୁ ତୃଣମୂଳସ୍ତରରୁ ସୁଦୃଢ଼ କରିବା ପାଇଁ ଦଳୀୟ ନେତୃମଣ୍ଡଳୀ ସବୁବେଳେ ପ୍ରୟାସ ଜାରି ରଖିଥିବାବେଳେ ଏହି ବୈଠକ ଦଳୀୟ କର୍ମୀଙ୍କ ମଧ୍ୟରେ ଆହୁରି ଅଧିକ ଉତ୍ସାହ ଭରିବା ସହ ଲୋକଙ୍କୁ ଦଳ ପ୍ରତି ଅଧିକ ଆକୃଷ୍ଟ କରିଥିବା କୁହାଯାଉଛି।

# ସୀମାନ୍ତରେ ଲ୍ୟାଣ୍ଡମାଇନ୍ ବିସ୍ଫୋରଣରେ ଦୁଇ ଯବାନ ଆହତ



**ମାଲକାନଗିରି,୨୩।୩(ସମିସ):** ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ ଦାନ୍ତେୱାଡ଼ା ଜିଲ୍ଲାରେ ମାଓବାଦୀଙ୍କ ଦ୍ୱାରା ଖଞ୍ଜା ଯାଇଥିବା ଲ୍ୟାଣ୍ଡମାଇନ ବିସ୍ଫୋରଣ ହୋଇ ଦୁଇ ଯବାନ ଆହତ ହୋଇଛନ୍ତି। ତଥ୍ୟ ଅନୁଯାୟୀ, ଛତିଶଗଡ଼ ଦାନ୍ତେୱାଡ଼ା ଓ ବିଜାପୁର ଜିଲ୍ଲାର ସୀମାନ୍ତବର୍ତ୍ତୀ ଅଞ୍ଚଳରେ ଥିବା ଜଙ୍ଗଲରେ ବହୁ ବଡ଼ବଡ଼ ମାଓନେତା ଉପସ୍ଥିତ ଥିବା ବିଶେଷ ସୂତ୍ରରୁ ଯବାନମାନେ ଖବର ପାଇଥିଲେ। ଶୁକ୍ରବାର ରାତିରେ ଡିଆରଜି, ବସ୍ତର ଫାଇଟର ଓ ସିଆରପିଏଫ, କୋବ୍ରା ବାହିନୀର ଯବାନମାନେ ମିଳିତ ରୂପେ ତଲାସି ଅଭିଯାନ କରୁଥିଲେ। ତେବେ ରାତ୍ର ସମୟରେ ଜଙ୍ଗଲ ମଧ୍ୟରେ ଏକ ଲ୍ୟାଣ୍ଡମାଇନ୍ ବୋମା ଉପରେ ଜଣେ ଯବାନଙ୍କ ଗୋଡ଼ ପଡ଼ିଯିବା ଫଳରେ ବୋମାଟି ବିସ୍ଫୋରଣ ହୋଇଥିଲା। ଯେଉଁଥିରେ ଦୁଇଜଣ ଯବାନ ଆହତ ହୋଇଛନ୍ତି। ଏହି ଦୁଇ ଆହତଙ୍କୁ ପ୍ରାଥମିକ ଚିକିତ୍ସା ପରେ ଉତ୍ତମ ଚିକିତ୍ସା ପାଇଁ ଶନିବାର ରାୟପୁରକୁ ହେଲିକପ୍ଟର ଯୋଗେ ସ୍ଥାନାନ୍ତର କରାଯାଇ ଚିକିତ୍ସା ଜାରି ରହିଛି। ତେବେ ବର୍ତ୍ତମାନ ଦୁଇଜଣଙ୍କ ପରିସ୍ଥିତି ସ୍ୱାଭାବିକ ଥିବା ଜଣାପଡ଼ିଛି।

## ଜଗନ୍ନାଥ ମନ୍ଦିରର ହୁଣ୍ଡିରୁ ଚୋରି

**କୋଷାଗୁମୁଡ଼ା,୨୩।୩(ସମିସ):** କୋଡ଼ିଙ୍ଗାସ୍ଥିତ ଜଗନ୍ନାଥ ମନ୍ଦିର ହୁଣ୍ଡିରୁ ଶୁକ୍ରବାର ବିଳମ୍ବିତ ରାତିରେ ଚୋରି ହୋଇଛି। ଦୁର୍ବୃତ୍ତମାନେ ହୁଣ୍ଡିର ତାଲା ଭାଙ୍ଗି ପାଖାପାଖି ୫ ହଜାର ଟଙ୍କା ଚୋରି କରିଥିବା କୋଡ଼ିଙ୍ଗା ଥାନାରେ ଏତଲା ଦାୟର ହୋଇଛି। ଶନିବାର ସକାଳ ୭ଟାରେ ମନ୍ଦିର ପୂଜାରୀ ପ୍ରତାପ ଚନ୍ଦ୍ର ରଥ ପ୍ରଥମେ ଲୁଟ୍ ସମ୍ପର୍କରେ ଜାଣି ତୁରନ୍ତ ସେ ମନ୍ଦିର ପରିଚାଳନା କମିଟିକୁ ଜଣାଇଥିଲେ। କମିଟି ସମ୍ପାଦକ କୈଳାସ ପାଣିଗ୍ରାହୀ ପହଞ୍ଚି ତୁରନ୍ତ ଥାନାରେ ଏତଲା ଦେଇଥିଲେ। ପୁଲିସ ଏକ ମାମଲା (୭୦/୨୪) ରୁଜୁକରି ତଦନ୍ତ ଜାରି ରଖିଥିବା ଥାନା ଅଧିକାରୀ ଯୁଗଳ ଶବର କହିଛନ୍ତି।

## ଟିପ୍ପର ଧକ୍କାରେ ବାଇକ୍ ଆରୋହୀ ମୃତ

**ମାଲକାନଗିରି/ମାଥିଲି,୨୩।୩(ସମିସ):** ମାଲକାନଗିରି ଥାନାସ୍ଥ ଗଙ୍ଗଲାଠାରେ ଏକ ଟିପ୍ପର ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସୂଚନାନୁଯାୟୀ, ଶନିବାର ସକାଳେ ମାଥିଲି ଥାନାସ୍ଥ ଚାଉଳମେଣ୍ଡୀ ଗ୍ରାମର ଦେବାଶିଷ ମାଟମ(୨୨) ନିଜ ମାମୁ ଘର ଗଙ୍ଗଲା ଗ୍ରାମରୁ ନିଜ ଘରକୁ ବାଇକରେ ଫେରୁଥିଲେ। ଗଙ୍ଗଲା ଗାଁମୁଣ୍ଡ ରାସ୍ତାରେ ହଠାତ ଦୁଇଟି ଟିପ୍ପର ଦ୍ରୁତଗତିରେ ଆସୁଥିବାବେଳେ ଦେବାଶିଷ ବାଇକର ଗତିକୁ ଧିମା କରିବା ସହ ରାସ୍ତାକଡ଼କୁ ଚାଲି ଯାଇଥିଲେ। କିନ୍ତୁ ଦୁର୍ଭାଗ୍ୟବସତଃ ଗୋଟିଏ ଟିପ୍ପର ଅନ୍ୟ ଏକ ଟିପ୍ପରକୁ ଓଭରଟେକ କରୁଥିବାବେଳେ ବାଇକକୁ ଧକ୍କା ଦେଇଥିଲା। ଫଳରେ ଦେବାଶିଷ ଗୁରୁତର ଭାବେ ଆହତ ହୋଇ ରାସ୍ତାକଡ଼କୁ ଛିଟିକି ପଡ଼ିଥିଲେ। ନିକଟରେ ଥିବା ଗ୍ରାମବାସୀମାନେ ତାଙ୍କୁ ପାଣ୍ଡ୍ରିପାଣି ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ମାଲକାନଗିରି ଜିଲ୍ଲା ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କର ଅବସ୍ଥା ସଙ୍କଟାପନ୍ନ ହେବାରୁ ଆମ୍ବୁଲାନ୍ସରେ ବିଶାଖାପାଟଣା ହସ୍ପିଟାଲକୁ ନିଆଯାଉଥିବାବେଳେ ରାସ୍ତାରେ ମୃତ୍ୟୁ ଘଟିଥିଲା। ଘଟଣାସ୍ଥଳରେ ମାଲକାନଗିରି ଥାନା ପୁଲିସ ପହଞ୍ଚି ମୃତଦେହକୁ ଜବତ କରି ଶବ ବ୍ୟବଚ୍ଛେଦ ନିମନ୍ତେ ପଠାଇବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି। ତେବେ ଜଣେ ଯୁବକଙ୍କ ଏପରି ବିୟୋଗରେ ଅଞ୍ଚଳରେ ଶୋକରଲହରୀ ଖେଳି ଯାଇଥିବାବେଳେ ଦୁର୍ଘଟଣାରେ ପ୍ରକୃତ ଦୋଷୀକୁ ଦଣ୍ଡ ଦେବାକୁ ସାଧାରଣରେ ଦାବି ହୋଇଛି।

# ଗାୟତ୍ରୀ ବୈଷୟିକ ମହାବିଦ୍ୟାଳୟରେ ଯୁବ ମହୋତ୍ସବ




**ଗୁଣୁପୁର,୨୩।୩(ସମିସ):** ଗାୟତ୍ରୀ ମହାବିଦ୍ୟାଳୟରେ ବାର୍ଷିକ ଉତ୍ସବ ଯୁବ ମୋହତ୍ସବ 'ଜେନିତ୍ ୧.୦' ପାଳିତ ହୋଇଯାଇଛି। ଅନୁଷ୍ଠାନର ଚେୟାରମ୍ୟାନ ଅକ୍ଷୟ କୁମାର ଦାସ ଓ ନିର୍ଦ୍ଦେଶକ ସଞ୍ଜୟ ସାହୁ ଏହି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିବାବେଳେ ମୁଖ୍ୟଅତିଥି ଭାବରେ ଓଡ଼ିଆ ଯାତ୍ରାଜଗତର ଚର୍ଚ୍ଚିତ ନାଟ୍ୟକାର ଓ ଓଡ଼ିଆ ଚଳଚ୍ଚିତ୍ର ଜଗତର ସଂଳାପ ଲେଖକ ବିଜୟ ଦାଶ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଓଡ଼ିଆ ଅଭିନେତ୍ରୀ ଓ କଣ୍ଠଶିଳ୍ପୀ ଡ. ଅନୁରାଧା ପାଣିଗ୍ରାହୀ ଓ ବିଶିଷ୍ଟ ଲେଖକ ପ୍ରଦୀପ କୁମାର ସାହୁ ମୁଖ୍ୟବକ୍ତା ଭାବରେ ଯୋଗଦେଇ ଅନୁଷ୍ଠାନର ଛାତ୍ରଛାତ୍ରୀଙ୍କୁ ପାଠ୍ୟକ୍ରମର ବିଶେଷତ୍ୱ ବିଷୟରେ ଦିଗଦର୍ଶନ ଦେଇଥିଲେ। କାର୍ଯ୍ୟକ୍ରମରେ ଫାର୍ମାସି ବିଭାଗର ପ୍ରିନ୍ସିପାଲ ଡ. ପ୍ରକାଶ ଚନ୍ଦ୍ର ସେନାପତି, ଭାଇସ ପ୍ରିନ୍ସିପାଲ ଡ.କାହ୍ନୁଚରଣ ପାଣିଗ୍ରାହୀ, କମ୍ପ୍ୟୁଟର ବିଭାଗର ପ୍ରିନ୍ସିପାଲ ସମରଜିତ କର, ବିଏସସି ନର୍ସିଂ ବିଭାଗର ପ୍ରିନ୍ସିପାଲ ମନୋଜ କୁମାର ସାହୁ, ମ୍ୟାନେଜମେଣ୍ଟ ବିଭାଗର ଏଚଓଡି ମାନସ ରଞ୍ଜନ ସାମଲ, ପ୍ରଫେସର ଧବଳେଶ୍ୱର ପଟ୍ଟନାୟକ, ପ୍ରଫେସର ଜଗଦିଶ ଖୁଣ୍ଟିଆ, ପ୍ରଶାସନିକ ଅଧିକାରୀ ପିଭି କୋଟେଶ୍ୱର ରାଓ ପ୍ରମୁଖ ଅତିଥି ରୂପେ ଯୋଗଦେଇ କାର୍ଯ୍ୟକ୍ରମକୁ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଶୁଭାରମ୍ଭ କରିଥିଲେ। ପ୍ରିନ୍ସିପାଲ ଡ. ପ୍ରକାଶ ଚନ୍ଦ୍ର ସେନାପତି ଅନୁଷ୍ଠାନର ବାର୍ଷିକ ବିବରଣୀ ପାଠ କରିଥିଲେ। କାର୍ଯ୍ୟକ୍ରମକୁ ଅଧ୍ୟାପିକା ପ୍ରିୟଙ୍କା ପାଢ଼ୀ ଓ ଅର୍ଚ୍ଚନା ପ୍ରିୟଦର୍ଶନୀ ଚାନ୍ଦ ସଂଯୋଜନା କରିଥିଲେ। ବୈଠକ ଶେଷରେ ଅତିଥିମାନଙ୍କୁ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ଅନୁଷ୍ଠିତ ହୋଇଥିବା ବାର୍ଷିକ କ୍ରୀଡ଼ାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଶେଷରେ ଭାଇସ ପ୍ରିନ୍ସିପାଲ ଡ.କାହ୍ନୁଚରଣ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ ଏବଂ ପରେ ସାଂସ୍କୃତିକ ଉତ୍ସବ ଆରମ୍ଭ ହୋଇଥିଲା। ଏଥିରେ ଅନୁଷ୍ଠାନର ଫାର୍ମାସି, ଏମସିଏ, ଏମବିଏ, ବିଏସସି ନର୍ସିଂ, ବିସିଏ ବିଭାଗର ଛାତ୍ରଛାତ୍ରୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଓଡ଼ିଆ ସିନେ ଜଗତର ବିଶିଷ୍ଟ କଣ୍ଠଶିଳ୍ପୀ ଆଶୁତୋଷ ମହାନ୍ତି ଯୋଗଦେଇ ଅନୁଷ୍ଠାନର ସମସ୍ତ ଛାତ୍ରଛାତ୍ରୀ, କର୍ମଚାରୀ ଏବଂ ଶ୍ରୋତାବନ୍ଧୁଙ୍କୁ ସଙ୍ଗୀତରେ ମତୁଆଲା କରିଥିଲେ। ପରେ ଡିଜେ ରିସି ଆସି ଉପସ୍ଥିତ ଥିବା ସମସ୍ତଙ୍କୁ ଝୁମେଇଥିଲେ। କାର୍ଯ୍ୟକ୍ରମକୁ ଲୋହା ବାଉରୀ, ମହାଲକ୍ଷ୍ମୀ ଦାସ, ଲକ୍ଷ୍ମୀନାରାୟଣ ସାହୁ, ଶାଶ୍ୱତୀ ବେହେରା, ଚୈତନ୍ୟ ପ୍ରଧାନୀ, ଚନ୍ଦନ ଦାସ, ଅଭିଳାଷ ଦାସ, ସୌମିତ୍ରୀ ସାହୁ, ପ୍ରବୀଣ ମିଶାଲ, ରାଜେଶ ଗଙ୍ଗା, ଏମ ଚନ୍ଦ୍ରଶେଖର, ମନସ୍ୱିନୀ ବେହେରା, ତୃପ୍ତିମୟୀ ବେହେରା, ରାଜିବ ପଣ୍ଡା, ପ୍ରଫୁଲ୍ଲ ମହାନ୍ତି, ପ୍ରଫୁଲ୍ଲ ପଟ୍ଟନାୟକ, ବାବୁଲା ଦାସ, ବିଷ୍ଣୁ ରଥ, ଦେବେନ୍ଦ୍ର ମିଶାଲ, ରବି ଗୌଡ଼, ଜୁଜା ବିଡ଼ିକା, ମମତା ପଣ୍ଡା, ଅଭି ବେହେରା ଓ ରାଜକୁମାର ବିଡ଼ିକା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

● ସହିଦ ଦିବସରେ ମିଳିତ କ୍ରିୟାନୁଷ୍ଠାନ କମିଟିର ଶୋଭାଯାତ୍ରା ଓ ସାଧାରଣ ସଭା

# ଘରୋଇ ସଂସ୍ଥାର କର୍ମଚାରୀଙ୍କୁ ବିଭିନ୍ନ ସୁବିଧା ସୁଯୋଗ ପ୍ରଦାନ ଦାବି




**ଜୟପୁର,୨୩।୩(ସମିସ):** କୋରାପୁଟ ଜିଲ୍ଲା ଜୟପୁରଠାରେ ଶନିବାର ଶ୍ରମିକ କର୍ମଚାରୀ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ସହିଦ ଦିବସ ପାଳିତ ହୋଇଥିଲା। ସ୍ୱାଧୀନତା ସଂଗ୍ରାମୀ ସହିଦ ଭଗତ୍ ସିଂ, ଶୁକଦେବ, ରାଜଗୁରୁଙ୍କ ସହିଦ ଦିବସ ଅବସରରେ ଏକ ଶୋଭାଯାତ୍ରା ଶ୍ରମିକ କର୍ମଚାରୀ ଭବନଠାରୁ ବାହାରି ରଥ ପଡ଼ିଆ ଛକଠାରେ ପହଞ୍ଚିଥିଲା। ସେଠାରେ ଏକ ସାଧାରଣ ସଭା ଆୟୋଜିତ ହୋଇଥିଲା। ଏହି ଅବସରରେ ବିଭିନ୍ନ ଘରୋଇ ସଂସ୍ଥାରେ କାର୍ଯ୍ୟରତ କର୍ମଚାରୀଙ୍କୁ ମାସିକ ଦରମା ଏବଂ ସରକାରଙ୍କ ନିୟମ ଅନୁଯାୟୀ ଅନ୍ୟାନ୍ୟ ସୁବିଧା ସୁଯୋଗ ପ୍ରଦାନ କରିବାକୁ ବକ୍ତାମାନେ ଦାବି କରିଥିଲେ। ଜୟପୁର ସେୱା କାଗଜ କଳକୁ ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବା, ପ୍ରତ୍ୟେକ ମାସରେ କର୍ମଚାରୀଙ୍କ ମାସିକ ଦରମା, ପିଏଫ୍, ପେନସନ୍, ଗ୍ରାଚ୍ୟୁଇଟି ଓ ବକେୟା ପାଉଣା ପ୍ରଦାନ, ଦରଦାମ ବୃଦ୍ଧିକୁ ବିରୁଦ୍ଧ, ବେକାର ଯୁବକଯୁବତୀଙ୍କୁ ନିଯୁକ୍ତି ଦାବି, କୃଷକମାନଙ୍କ ସମସ୍ୟା ସମାଧାନ ଓ ଭ୍ରଷ୍ଟାଚାର ବିରୁଦ୍ଧରେ ସଂଘର୍ଷ ଜାରି ରଖିବାକୁ ଆହ୍ୱାନ ଦିଆଯାଇଥିଲା। ସ୍ଥାନୀୟ ବିଧାୟକ ଏବଂ ରାଜନେତାମାନଙ୍କ ଆନ୍ତରିକତା ଅଭାବ ଯୋଗୁଁ ସ୍ଥାନୀୟ କାଗଜ କଳର ସମସ୍ୟା ସମାଧାନ ହୋଇପାରୁନାହିଁ। ରାଜ୍ୟ ସଡ଼କ ପରିବହନ ନିଗମ ଏବଂ କେସିସି ବ୍ୟାଙ୍କର ଅବସରପ୍ରାପ୍ତ ଶ୍ରମିକ କର୍ମଚାରୀମାନଙ୍କୁ ଗ୍ରାଚ୍ୟୁଇଟି ଓ ବକେୟା ପାଉଣା ମିଳୁନାହିଁ। ସେମାନଙ୍କୁ ବୃଦ୍ଧାବସ୍ଥାରେ ଅଦାଲତ ଆଶ୍ରୟ ନେବାକୁ ପଡୁଛି ବୋଲି ବକ୍ତାମାନେ ଅଭିଯୋଗ କରିଥିଲେ। ମିଳିତ କ୍ରିୟାନୁଷ୍ଠାନ କମିଟିର ଅଧ୍ୟକ୍ଷ ଯୁଧିଷ୍ଠିର ରାଉଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସାଧାରଣ ସଭାରେ ଜିଲ୍ଲା କଂଗ୍ରେସର ପୂର୍ବତନ ସଭାପତି ଦୁର୍ଗା ପ୍ରସାଦ ସାହୁ, ପ୍ରମୋଦ କୁମାର ମହାନ୍ତି, ନଳିନୀ ରଥ, ମାଧବ ଚୌଧୁରୀ, ଉମାକାନ୍ତ ରଥ, ରାମକୃଷ୍ଣ ଦାସ, ଏନ୍.ଏସ୍. ଆର୍. ମୂର୍ତ୍ତି ଏବଂ କୁମୁଦିନୀ ସାହୁ ପ୍ରମୁଖ ବକ୍ତବ୍ୟ ରଖିଥିଲେ।

## ବିପଜ୍ଜନକ ଅବସ୍ଥାରେ ଝୁଲି ରହିଛି ହାଇଭୋଲଟେଜ୍ ବିଦ୍ୟୁତ୍ ତାର




**ମାଲକାନଗିରି,୨୩।୩(ସମିସ):** ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକ ଅନ୍ତର୍ଗତ ବଣ୍ଡାଘାଟିରେ ବିପଦଜନକ ଅବସ୍ଥାରେ ଝୁଲି ରହିଛି ବିଦ୍ୟୁତ ତାର। ବାରମ୍ବାର ଅଭିଯୋଗ ସତ୍ତ୍ୱେ ବଡ଼ ଧରଣର ଅଘଟଣ ଅପେକ୍ଷାରେ ବିଦ୍ୟୁତ ବିଭାଗ ଓ ଟାଟା ପାୱାର। ସୂଚନାନୁଯାୟୀ, ମାଲକାନଗିରି ଜିଲ୍ଲାର ମୁଦୁଲିପଡ଼ା ଗ୍ରାମରେ ଥିବା ମଙ୍ଗଳ ବିଭାଗ ସରକାରୀ ଉଚ୍ଚ ବିଦ୍ୟାଳୟ ସମ୍ମୁଖରେ ଥିବା ବସଷ୍ଟପରେ ଅନେକ ଦିନ ହେବ ବିଦ୍ୟୁତ ଯୋଗାଣ ପାଇଁ ରହିଥିବା ହାଇଭୋଲଟେଜ ତାରଟି ତଳକୁ ଝୁଲିରହିଛି। ତେବେ ସେହି ରାସ୍ତାଦେଇ ଅନେକ ବସ ଓ ଟ୍ରକ ଆଦି ଯାନବାହାନ ଯାଉଥିବାବେଳେ ଏହି ତାରଟି ବଡ଼ ଗାଡ଼ିଗୁଡ଼ିକର ସଂସ୍ପର୍ଶରେ ଆସିବାର ଭୟ ରହିଛି। ଏହାକୁ ଦୃଷ୍ଟିରେ ରଖି ସ୍ଥାନୀୟ ଲୋକେ ବାରମ୍ବାର ଏନେଇ ବିଦ୍ୟୁତ ବିଭାଗର ଅଧିକାରୀ ଓ ଟାଟାପାୱାର ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ବିଦ୍ୟୁତ୍ ଦୁର୍ଘଟଣା ଘଟିବାର ଆଶଙ୍କା ଥିବାରୁ ଗ୍ରାମବାସୀ ଓ ସରକାରୀ କର୍ମଚାରୀମାନେ ବାରମ୍ବାର ବିଦ୍ୟୁତ୍ କର୍ମଚାରୀଙ୍କ ଦୃଷ୍ଟି ଆକର୍ଷଣ କଲେ ମଧ୍ୟ ହାଇଭୋଲଟେଜ ତାରକୁ ଉପରକୁ ଉଠା ଯାଉନାହିଁ। ଫଳରେ ଏହି ତାର ଦ୍ୱାରା ବଡ଼ ଧରଣର ଅଘଟଣ ଘଟିଲେ କିଏ ଦାୟୀ ରହିବ ବୋଲି ଲୋକେ ପ୍ରଶ୍ନ କରିଛନ୍ତି। ନିକଟରେ ବିଦ୍ୟାଳୟ ରହିଥିବାବେଳେ ବିଦ୍ୟାଳୟ କର୍ତ୍ତୃପକ୍ଷ, ଛାତ୍ରଛାତ୍ରୀ ଓ ବସ ଯାତ୍ରୀମାନେ ମଧ୍ୟ ଭୟ କରୁଥିବାବେଳେ ଏନେଇ ତୁରନ୍ତ ପଦକ୍ଷେପ ନେବାକୁ ବୁଦ୍ଧିଜୀବୀ ଦାବି କରିଛନ୍ତି।

**ଘରୋଇ କ୍ଲିନିକ୍ ସହ ଡାକ୍ତରଙ୍କ ଡିଲ୍**

# ଗୋଷ୍ଠୀ ଚିକିତ୍ସାଳୟରେ ହେଉନି ରୋଗ ନିରୂପଣ

- ରସାୟନ ନ ଥିବା କହି ମନା କରୁଛନ୍ତି ସ୍ୱାସ୍ଥ୍ୟକର୍ମୀ
- ନିଦାବିଷ୍ଟ ସ୍ୱାସ୍ଥ୍ୟ ବିଭାଗ; ଶୋଷଣର ଶିକାର ହେଉଛନ୍ତି ରୋଗୀ







**ମୁନିଗୁଡ଼ା,୨୩।୩(ସମିସ):** ମୁନିଗୁଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧୀନରେ ଥିବା ଗୋଷ୍ଠୀ ଚିକିତ୍ସାଳୟରେ ୭ ମାସ ହେଲା ହେଉନି ରୋଗ ନିରୂପଣ। ରୋଗୀ ଓ ତାଙ୍କ ସମ୍ପର୍କୀୟମାନେ ଘରୋଇ କ୍ଲିନିକକୁ ଯାଇ ଅଯଥା ଖର୍ଚ୍ଚାନ୍ତ ହେଉଥିବା ଅଭିଯୋଗ ହେଉଛି। ମୁନିଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀ ପ୍ରତି ମାସରେ ରସାୟନ ବାବଦରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଅବଗତ କରୁଥିବାବେଳେ ଜିଲ୍ଲା ଚିକିତ୍ସାଳୟରୁ ତାହା ଆସୁନଥିବା ଶୁଣିବାକୁ ମିଳୁଛି। କୌଣସି ରୋଗର ଚିକିତ୍ସା ପାଇଁ ରୋଗ ନିରୂପଣ କରିବା ପାଇଁ ଗଲେ ରସାୟନ ନଥିବା କହି ବାହାରକୁ ଯିବାକୁ କହୁଥିବା ରୋଗୀମାନେ ଜଣାଇଛନ୍ତି। ମୁନିଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର କର୍ମଚାରୀ ଘରୋଇ କ୍ଲିନିକ କରି ଏହାର ଭଲ ଫାଇଦା ଉଠାଉଥିବା ଚର୍ଚ୍ଚା ହେଉଛି। ଏଥିସହ ଘରୋଇ କ୍ଲିନିକ ସହ ଡାକ୍ତରଙ୍କ ଡିଲ୍ ଥିବା ଅଞ୍ଚଳବାସୀଙ୍କ ମଧ୍ୟରେ ସନ୍ଦେହ ସୃଷ୍ଟି କରିଛି। ମୁନିଗୁଡ଼ା ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ହୋଇଥିବାବେଳେ ସେଠାରେ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଉକ୍ତ ଅଞ୍ଚଳର ଦୁଇ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ନିର୍ଭର କରିଥାନ୍ତି। ହେଲେ ଦୀର୍ଘ ୭ ମାସ ହେଲା ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ରସାୟନ ଅଭାବରୁ ଟାଇଫଏଡ, ଲିପିଡ ପ୍ରୋଫାଇଲ ଓ ଲିଭର ସମସ୍ୟା ଭଳି ବହୁ ରୋଗୀଙ୍କ ରୋଗ ନିରୂପଣ ହୋଇପାରୁନାହିଁ। ଯେଉଁ କାରଣରୁ ଘରୋଇ କ୍ଲିନିକ ହାବୁଡ଼ରେ ପଡ଼ି ରୋଗୀମାନେ ଅଯଥା ଖର୍ଚ୍ଚାନ୍ତ ହେବାସହ ଶୋଷଣର ଶିକାର ହୋଇ ଯନ୍ତ୍ରଣା ଭୋଗୁଥିବାବେଳେ ନିଦାବିଷ୍ଟ ସାଜିଛି ସ୍ୱାସ୍ଥ୍ୟ ବିଭାଗ। ଯାହାକୁ ନେଇ ଅଞ୍ଚଳବାସୀ ଅସନ୍ତୋଷ ପ୍ରକାଶ କରିବା ସହ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗକୁ ଦାୟୀ କରିଛନ୍ତି। ଯେହେତୁ ଏହି ଅଞ୍ଚଳ ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ହେଉଥିବାବେଳେ ମୁନିଖୋଲ, ଜଗଦଲପୁର, ସରଧାପୁର, ତେଲେଙ୍ଗାପଦର, ରଘୁବାରି, ଡିମିରିଗୁଡ଼ା, ଇଚ୍ଛାପୁର ଭଳି ଉପାନ୍ତ ଅଞ୍ଚଳର ଲୋକେ ମୁନିଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରନ୍ତି। ହେଲେ ହାତରେ ଟଙ୍କା ପଇସା ନଥିବାରୁ ଘରୋଇ କ୍ଲିନିକରେ ଚିକିତ୍ସା ନହୋଇ ଫେରି ରୋଗରେ ଆକ୍ରାନ୍ତ ହେଉଥିବା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ସେହିପରି ନିୟମଗିରି ଅଞ୍ଚଳରେ ବସବାସ କରୁଥିବା ନିରୀହ ଜନଜାତି ଲୋକ ମଧ୍ୟ ମେଡିକାଲ ସେବା ନପାଇ ଅଧିକ ଯନ୍ତ୍ରଣା ଭୋଗୁଥିବା ଅଞ୍ଚଳବାସୀ ପ୍ରକାଶ କରିଛନ୍ତି। ସ୍ୱାସ୍ଥ୍ୟ ବିଭାଗର ଏଭଳି ଅବ୍ୟବସ୍ଥାକୁ ମୁନିଗୁଡ଼ା କଂଗ୍ରେସ ବ୍ଲକ ସଭାପତି ନୀଳାମ୍ବର ବିଭାର ଘୋରନିନ୍ଦା କରିଛନ୍ତି। ଏଥିସହ ଯଥାଶୀଘ୍ର ସମସ୍ୟାର ସମାଧାନ କରାନଗଲେ ମୁନିଗୁଡା କଂଗ୍ରେସ ପ୍ରତିବାଦ କରିବା ସହ ରାଜରାସ୍ତାକୁ ଓହ୍ଲାଇବ ବୋଲି ଜଣାଇଛନ୍ତି। ସମସ୍ୟା ବିଷୟରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଶ୍ରୀ ରାଉତରାୟଙ୍କୁ ପଚାରିବାରୁ କୌଣସି ସନ୍ତୋଷଜନକ ଉତ୍ତର ମିଳିପାରି ନାହିଁ।

ସକାଳ THE SAKALA



# କୋଲାବ ନଦୀ ଉପରେ ନିର୍ମାଣ ହେବ ବିଜୁ ସେତୁ

## ଦୂର ହେବ କୋରାପୁଟ ବ୍ଲକ୍‌ର ୨ ପଞ୍ଚାୟତ, ଲମତାପୁଟ ବ୍ଲକ୍‌ର ୪ ପଞ୍ଚାୟତ, ନନ୍ଦପୁର ବ୍ଲକ୍‌ବାସୀଙ୍କ ରାସ୍ତା ଯନ୍ତ୍ରଣା



**ନନ୍ଦପୁର,୨୩।୩(ସମିସ):** କୋଲାବ ନଦୀ ଉପର ସୁକୁ କୋରାପୁଟ ମୁହାଣରେ ରାଜ୍ୟ ସରକାରଙ୍କ ପକ୍ଷରୁ ନିର୍ମାଣ ହେବ ବିଜୁ ସେତୁ। ଯାହାଦ୍ୱାରା କୋରାପୁଟ ବ୍ଲକର ୨ ପଞ୍ଚାୟତ, ଲମତାପୁଟ ବ୍ଲକର ୪ ପଞ୍ଚାୟତ, ନନ୍ଦପୁର ବ୍ଲକବାସୀଙ୍କର ରାସ୍ତା ଯନ୍ତ୍ରଣା ଦୂର ହେବ। ପ୍ରାୟ ୧୫ ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣ ଏହାଦ୍ୱାରା ଉପକୃତ ହେବେ। ଏନେଇ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହୋଇଥିବା ଜଣାପଡ଼ିଛି। ଏହି ଖବର ପ୍ରସାରିତ ହେବା ପରେ ଅଞ୍ଚଳବାସୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି। ଏହାପରେ ଅଞ୍ଚଳବାସୀଙ୍କ ରାସ୍ତା ଯନ୍ତ୍ରଣା ଦୂର ହେବ ବୋଲି ଜିଲ୍ଲା ପରିଷଦ ସଭ୍ୟ ପୂର୍ଣ୍ଣ ଚନ୍ଦ୍ର ପାଙ୍ଗି, ଯୁବ ସମାଜସେବୀ ଭାଗିରଥି ପଟାନିଆ ଓ ବାବୁଲା ଜାନି କହିଛନ୍ତି। ରାଜ୍ୟ ସରକାର କୋଲାବ ନଦୀ ଉପରେ ବିଜୁ ସେତୁ ନିର୍ମାଣ କରିବା ଦ୍ୱାରା ଅଞ୍ଚଳବାସୀଙ୍କ ଦୁଃଖ ଦୂର ହେବା ସହ ବହୁ ସମସ୍ୟାର ସମାଧାନ ହେବ ବୋଲି କହିଛନ୍ତି। ତେବେ କୋରାପୁଟ ବିଧାୟକ ରଘୁରାମ ପଡ଼ାଲ କହିଛନ୍ତି, ସୁକୁ କୋରାପୁଟ ମୁହାଣରେ କୋଲାବ ନଦୀ ଉପରେ ବିଜୁ ସେତୁ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ନିର୍ମାଣ ହେବ। ଏହି ସେତୁ ଅଞ୍ଚଳବାସୀଙ୍କ ଜୀବନ ରେଖା ହେବ ବୋଲି ସେ କହିଛନ୍ତି। ତେବେ ଏହି ସେତୁ ନିର୍ମାଣ ହେଲେ କୋରାପୁଟ ବ୍ଲକର ସୁକୁ ଗ୍ରାମ ସହ ଲମତାପୁଟ ବ୍ଲକ୍ ଚାରି ଗ୍ରାମ ପଞ୍ଚାୟତ, ଟିକରପଡ଼ା, ଉମ୍ବେଲ, ବନମାଳୀପୁଟ, କୁମାର ଗନ୍ଧାଣା ଓ ନନ୍ଦପୁର ବ୍ଲକବାସୀ ଜିଲ୍ଲା ସଦରମହକୁମା ଯିବାକୁ ହେଲେ ବର୍ତ୍ତମାନ ଏହି ଅଞ୍ଚଳବାସୀଙ୍କୁ ୮୦କିମି, ୪୦ କିମି, ୬୦ କିମି ପଡୁଥିବାବେଳେ ସୁକୁ କୋରାପୁଟ କୋଲାବ ନଦୀ ମୁହାଣରେ ବିଜୁ ସେତୁ ନିର୍ମାଣ ହେଲେ ମାତ୍ର ୨୦ରୁ ୨୨ କିମି ଦୂରତା ହେବ। ଯାହାଦ୍ୱାରା ମେଡିକାଲ ହେଉ କି ଅନ୍ୟ କାର୍ଯ୍ୟ ପାଇଁ ଜିଲ୍ଲା ସଦରମହକୁମାକୁ ଯିବାକୁ ଆଉ ଅସୁବିଧା ହେବନି ବୋଲି ମତ ପ୍ରକାଶ ପାଇଛି।

# ଏସ୍‌ଏଚ୍‌ଜି ମା’ ପାଳିଲେ ବିଶ୍ୱ ଜଳ ଦିବସ



**ଦଶମନ୍ତପୁର,୨୩।୩(ସମିସ):** ଦଶମନ୍ତପୁର ବ୍ଲକ୍ ଅନ୍ତର୍ଗତ ଗାଦିଆଗୁଡ଼ା ପଞ୍ଚାୟତର ବଗେଇପଦର ଓ ତଳ ଗଦ୍ରି ଗାଁର ସ୍ୱୟଂସହାୟକ ଗୋଷ୍ଠୀର ମା’ମାନେ ବିଶ୍ୱ ଜଳ ଦିବସ ପାଳିଛନ୍ତି। ସମାଜସେବୀ ଯୁବ ବର୍ଗଙ୍କ ପ୍ରେରଣାରେ ମାଆମାନେ ବିଶ୍ୱ ଜଳ ଦିବସ ପାଳନ କରିଥିବା ଜଣାପଡ଼ିଛି। ସୂଚନା ମୁତାବକ, ସମାଜସେବୀ, ଜଲମି ଡଙ୍ଗରୀଙ୍କ ନେତୃତ୍ୱରେ ଏହି ଜଳ ଦିବସ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ଶତାଧିକ ମହିଳା ଉପସ୍ଥିତ ରହି ଜଳର ବ୍ୟବହାର ଓ ଅପବ୍ୟବହାର ସମ୍ପର୍କରେ ଆଲୋଚନା କରିଥିଲେ। ସମସ୍ତେ ଚାରାରୋପଣ କରି ଜଙ୍ଗଲ ସୃଷ୍ଟି କରିବାକୁ ଆହ୍ୱାନ ଦିଆଯାଇଥିଲା। ପରପିଢ଼ିଙ୍କୁ ଜଳକଷ୍ଟରୁ ମୁକ୍ତି ଦେବାକୁ ହେଲେ ଆମକୁ ବର୍ତ୍ତମାନଠାରୁ ଜଳ ସଂରକ୍ଷଣ ପାଇଁ ଶପଥ ନେବା ଆବଶ୍ୟକ ବୋଲି ସମାଜସେବୀ ଶ୍ରୀ ଡଙ୍ଗରୀ ମାଆମାନଙ୍କୁ ପରାମର୍ଶ ଦେଇଥିଲେ।

● ‘ସମାଜ ବିଜ୍ଞାନରେ ସମସାମୟିକ ଗବେଷଣା ପଦ୍ଧତି’ ଉପରେ ଆଲୋଚନାଚକ୍ର ଉଦ୍‌ଯାପିତ

# ‘ସାମାଜିକ ବିଜ୍ଞାନରେ ଆନ୍ତଃବିଭାଗୀୟ ଓ ସହଯୋଗୀ ଗବେଷଣାର ଗୁରୁତ୍ୱ’




**କୋରାପୁଟ,୨୩।୩(ସମିସ):** ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଅର୍ଥନୀତି ବିଭାଗ ପକ୍ଷରୁ ଆୟୋଜିତ ‘ସମାଜ ବିଜ୍ଞାନରେ ସମସାମୟିକ ଗବେଷଣା ପଦ୍ଧତି’ ଶୀର୍ଷକ ଜାତୀୟ ଆଲୋଚନାଚକ୍ର ଉଦଯାପିତ ହୋଇଛି। କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ ଯୋଗଦେଇ ଉଦଯାପନୀ ଅଭିଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ପଣ୍ଡିଚେରୀ ବିଶ୍ୱବିଦ୍ୟାଳୟର ପ୍ରଫେସର ପ୍ରଶାନ୍ତ କୁମାର ପଣ୍ଡା ଓ ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟର ପ୍ରଫେସର ମୀନକେତନ ବେହେରା ଓ ଅର୍ଥନୀତି ବିଭାଗର ମୁଖ୍ୟ ତଥା ସେମିନାରର ଆବାହକ ଡ. ମିନତୀ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ୨ ଦିନିଆ ଜାତୀୟ ଆଲୋଚନାଚକ୍ରର ରିପୋର୍ଟ ପାଠକରି ଡ. ମିନତୀ ସାହୁ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ସମାଜ ବିଜ୍ଞାନ ଗବେଷଣାର ବିଭିନ୍ନ ଦିଗ ଉପରେ ପ୍ରଫେସର ପ୍ରଶାନ୍ତ କୁମାର ପଣ୍ଡା ଓ ପ୍ରଫେସର ମୀନକେତନ ବେହେରାଙ୍କ ୪ଟି ସ୍ୱତନ୍ତ୍ର ନିମନ୍ତ୍ରିତ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଦୁଇ ଦିନ ମଧ୍ୟରେ ସେମିନାରରେ ୩୧ଟି ପେପର ଉପସ୍ଥାପନ କରାଯାଇଥିବା ଡ. ସାହୁ ସୂଚନା ଦେଇଛନ୍ତି। ଅଧ୍ୟାପକ, ଗବେଷକ ଓ ପିଜି ଛାତ୍ରଛାତ୍ରୀଙ୍କ ଦ୍ୱାରା ଏହି ପେପର ଉପସ୍ଥାପିତ ହୋଇଥିଲା। ଯାହାକୁ ପରବର୍ତ୍ତୀ ସମୟରେ ସେମିନାର୍ ପ୍ରୋକିଡିଙ୍ଗ ଭାବେ ପ୍ରକାଶ କରାଯିବ।

ପ୍ରଫେସର ଚକ୍ରଧର ତ୍ରିପାଠୀ ବିଶେଷଜ୍ଞମାନଙ୍କୁ ସମ୍ବର୍ଦ୍ଧିତ କରିବା ସହ କୋରାପୁଟ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟକୁ ଗସ୍ତ କରି ସେମାନଙ୍କ ଅଭିଜ୍ଞତା ଓ ଜ୍ଞାନ ବିତରଣ ପାଇଁ ଧନ୍ୟବାଦ ଦେଇଥିଲେ। ଦେଶର ଅର୍ଥନୀତିକୁ କିପରି ବିକଶିତ କରାଯାଇପାରିବ ସେନେଇ ଗବେଷଣା କରିବା ଅର୍ଥନୀତି ବିଭାଗର ଭୂମିକା ହୋଇଥିବାରୁ ସମାଜ ବିଜ୍ଞାନରେ ଗବେଷଣା ପଦ୍ଧତି ଉପରେ ବିଚାରବିମର୍ଶ କରାଯିବା ଉଚିତ୍ ବୋଲି ସେ ଗୁରୁତ୍ୱାରୋପ କରିଥିଲେ। ପ୍ରଫେସର ତ୍ରିପାଠୀ କୌଟିଲ୍ୟ ଓ ଅର୍ଥଶାସ୍ତ୍ରର ସମସାମୟିକ ପ୍ରାସଙ୍ଗିକତା ବିଷୟରେ ମଧ୍ୟ ପ୍ରାସଙ୍ଗିକ ଭାବେ ଉଲ୍ଲେଖ କରିଥିଲେ। ପ୍ରଫେସର ତ୍ରିପାଠୀ ସାମାଜିକ ବିଜ୍ଞାନରେ ଆନ୍ତଃବିଭାଗୀୟ ଓ ସହଯୋଗୀ ଗବେଷଣାର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ପ୍ରଫେସର ପ୍ରଶାନ୍ତ କୁମାର ପଣ୍ଡା ତାଙ୍କ ଅଭିଭାଷଣରେ କୋରାପୁଟର ସାମାଜିକ-ଅର୍ଥନୈତିକ ପ୍ରୋଫାଇଲର ବିବିଧତା ହେତୁ ସାମାଜିକ ବିଜ୍ଞାନ ଗବେଷଣାର ଏକ ପରୀକ୍ଷାଗାର ବୋଲି ବର୍ଣ୍ଣନା କରିଥିଲେ। ସେ ଗବେଷଣାର ବିଭିନ୍ନ ନୈତିକ ଦିଗ ଉପରେ ଗୁରୁତ୍ୱାରୋପ କରିଥିଲେ ଏବଂ ନୈତିକ ଅଭ୍ୟାସର ପରିଣାମ ବିଷୟରେ ଗବେଷକମାନଙ୍କୁ ସଚେତନ କରାଇଥିଲେ। ପ୍ରାଥମିକ ତଥ୍ୟ ସଂଗ୍ରହ ଓ ତଥ୍ୟ ବିଶ୍ଳେଷଣ ପାଇଁ ଆଧୁନିକ ସଫ୍ଟୱେରର ବ୍ୟବହାର ଉପରେ ପ୍ରଫେସର ବେହେରା ଗୁରୁତ୍ୱାରୋପ କରିଥିଲେ। ଅର୍ଥନୀତି ବିଭାଗର ପ୍ରୟାସ ବିଶେଷ କରି ଆବାହକ ଡ. ମିନତୀ ସାହୁଙ୍କ ଏକ ଫଳପ୍ରଦ ଆଲୋଚନାଚକ୍ର ଆୟୋଜନ ପାଇଁ ଉଭୟ ବିଶେଷଜ୍ଞ ପ୍ରଶଂସା କରିଥିଲେ। ଏହି ଅବସରରେ ଅର୍ଥନୀତି ବିଭାଗର ତିନି ଜଣ ଅଧ୍ୟାପକ ଡ. ମିନତୀ ସାହୁ, ଡ. ପ୍ରଶାନ୍ତ କୁମାର ବେହେରା ଓ ବିଶ୍ୱଜିତ ଭୋଇଙ୍କ ଦ୍ୱାରା ସମ୍ପାଦିତ ‘ନିରନ୍ତର ପରିବେଶ ଓ କୃଷି: ଏକ ଭାରତୀୟ ପରିପ୍ରେକ୍ଷୀ’ ଶୀର୍ଷକ ଏକ ସମ୍ପାଦିତ ପୁସ୍ତକ ବିଶ୍ୱବିଦ୍ୟାଳର କୁଳପତି ଓ ଅତିଥିମାନେ ଉନ୍ମୋଚନ କରିଥିଲେ। ସହକାରୀ ପ୍ରଫେସର ଡ. ପ୍ରଶାନ୍ତ କୁମାର ବେହେରା ଧନ୍ୟବାଦ ଅର୍ପଣ କରିବା ପରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜାତୀୟ ଆଲୋଚନାଚକ୍ରରେ ଅଧ୍ୟାପକ, ଅଧିକାରୀ, କର୍ମଚାରୀ, ଗବେଷକ ଓ ସିୟୁଓର ଛାତ୍ରଛାତ୍ରୀମାନେ ବ୍ୟାପକ ଅଂଶଗ୍ରହଣ କରି ନିଜକୁ ଗୌରବାନ୍ୱିତ ଅନୁଭବ କରିଥିବା ବିଶ୍ୱବିଦ୍ୟାଳୟର ଜନସମ୍ପର୍କ ଅଧିକାରୀ ଡ. ଫଗୁନାଥ ଭୋଇ ସୂଚନା ଦେଇଛନ୍ତି।

# ରାଜ୍ୟସ୍ତରୀୟ ଉପଲବ୍ଧି ସର୍ବେକ୍ଷଣ



**କୋରାପୁଟ,୨୩।୩(ସମିସ):** କୋରାପୁଟ ବ୍ଲକ୍ ଅନ୍ତର୍ଗତ ୧୦ଟି ବିଦ୍ୟାଳୟରେ ରାଜ୍ୟସ୍ତରୀୟ ଉପଲବ୍ଧି ସର୍ବେକ୍ଷଣ ଅନୁଷ୍ଠିତ ହୋଇଛି। ଦ୍ୱିତୀୟ, ଚତୁର୍ଥ ଓ ସପ୍ତମ ଶ୍ରେଣୀର ପିଲାଙ୍କୁ ନେଇ ଏହି ସର୍ବେକ୍ଷଣ କରାଯାଇଥିଲା। ପ୍ରତି ବିଦ୍ୟାଳୟରେ ସେଥି ମଧ୍ୟରୁ ଦୁଇଟି ଶ୍ରେଣୀର ସର୍ବାଧିକ ୨୦ ପିଲାଙ୍କୁ ନେଇ ଭାଷା ଓ ଗଣିତ ବିଷୟ ଆଧାରିତ ପ୍ରଶ୍ନକୁ ନେଇ ସର୍ବେକ୍ଷଣ କରାଯାଇଥିଲା। ପୂର୍ବାହ୍ନ ୧୧ଟା ସମୟରେ ଆରମ୍ଭ ହୋଇଥିବା ଏହି ସର୍ବେକ୍ଷଣ ପାଇଁ ସକାଳ ୭ଟା ସମୟରୁ ବ୍ଲକ୍ ଶିକ୍ଷା କାର୍ଯ୍ୟାଳୟଠାରୁ ପ୍ରଶ୍ନପତ୍ର ପ୍ୟାକେଟକୁ ଦାୟିତ୍ୱରେ ଥିବା ସିଆରସିସି ଏବଂ ଦୁଇ କ୍ଷେତ୍ର ଅନୁସନ୍ଧାନକାରୀ ସଂଗ୍ରହ କରି ନିଜ ନିଜ କେନ୍ଦ୍ରକୁ ଯାଇଥିବା କୋରାପୁଟ ବ୍ଲକ୍ ଶିକ୍ଷା ଅଧିକାରୀ ଶ୍ରୀକାନ୍ତ ଜାନୀ ସୂଚନା ଦେଇଥିଲେ। ଏବିଇଓ ଶିବ ପ୍ରସାଦ ରଥ ପ୍ରଶ୍ନପତ୍ର ବଣ୍ଟନ କାର୍ଯ୍ୟକୁ ପରିଚାଳନା କରିଥିଲେ। ପ୍ରଶ୍ନର ଉତ୍ତର ଲେଖିବା ନିମନ୍ତେ ଦ୍ୱିତୀୟ ଶ୍ରେଣୀ ପାଇଁ ୬୦ ମିନିଟ୍, ଚତୁର୍ଥ ଶ୍ରେଣୀ ପାଇଁ ୯୦ ମିନିଟ୍ ଏବଂ ସପ୍ତମ ଶ୍ରେଣୀ ପାଇଁ ୧୨୦ ମିନିଟ୍ ସମୟ ରହିଥିଲା। ଜିଲ୍ଲାର ସମସ୍ତ ୧୪ଟି ବ୍ଲକର ୧୪୦ଟି ବିଦ୍ୟାଳୟରେ ଏହି ସର୍ବେକ୍ଷଣ ହୋଇଥିବା ଜଣାପଡ଼ିଛି। ସହରର ଏକ୍ସ ବୋର୍ଡ ଉଚ୍ଚ ପ୍ରାଥମିକ, ପୂଜାରୀପୁଟ ଉଚ୍ଚ ପ୍ରାଥମିକ, ପୁଲିସ୍ ପ୍ରାଥମିକ ଏବଂ ପୁଟିଲା ସାହି ପ୍ରାଥମିକ ବିଦ୍ୟାଳୟରେ ଏହି ସର୍ବେକ୍ଷଣ ଅନୁଷ୍ଠିତ ହୋଇଥିବା ସିଆରସିସି ପ୍ରଦୀପ କୁମାର ପାତ୍ର ସୂଚନା ଦେଇଥିଲେ। ଏହି ସର୍ବେକ୍ଷଣ ନିମନ୍ତେ ସିଆରସିସି ହର ମିଶ୍ର, ସୁବୋଧ ମାଝୀ, ତ୍ରିଲୋକେଶ ପଣ୍ଡା, ସୂର୍ଯ୍ୟ ବେହେରା, ବାସୁଦେବ ଦାସ, ଲୁଙ୍ଗୁରି ଶଙ୍କର ଏବଂ ଶିକ୍ଷକ ବସନ୍ତ ଲେଙ୍କା, ଦେବ କିରଣ ପଟ୍ଟନାୟକ, ସନ୍ତୋଷ ସାହୁ ନିୟୋଜିତ ଥିଲେ।

# ଉମରକୋଟରେ ପ୍ରକୃତି ଶିବିର

**ଉମରକୋଟ,୨୩।୩(ସମିସ):** ଉମରକୋଟ ବ୍ଲକ୍ ଭାସ୍କେଲ ଡ୍ୟାମର ସାନଖଡ଼କା ସଂରକ୍ଷିତ ଜଙ୍ଗଲଠାରେ ଛାତ୍ରଛାତ୍ରୀମାନଙ୍କୁ ନେଇ ପ୍ରକୃତି ଶିବିର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜଙ୍ଗଲ ପରିବେଶ ମନ୍ତ୍ରଣାଳୟ, ଜଳବାୟୁ ପରିବର୍ତ୍ତନ ବିଭାଗ ଓ ଭାରତ ସରକାରଙ୍କ ଅଧୀନରେ ଥିବା ସିଇଏସ୍, ଭୁବନେଶ୍ୱର ସହାୟତାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଘନଶ୍ୟାମ ମାଝୀଙ୍କ ଅଧ୍ୟକ୍ଷତାରେ ଓ ମାଷ୍ଟର ଟ୍ରେନର ଡ. ପ୍ରଦୀପ କୁମାର ମିଶ୍ରଙ୍କ ସଂଯୋଜନାରେ ଆୟୋଜିତ ଏହି ଶିବିରରେ ମୁଖ୍ୟ ଅତିଥି ଭାବେ ନବରଙ୍ଗପୁର ଏସ୍‌ଇଏଫ୍ ସୁବାସ ଚନ୍ଦ୍ର ଖୁଣ୍ଟିଆ ଯୋଗଦେଇଥିଲେ। ରେଞ୍ଜର ଦେବସ୍ମିତା ସାହୁ, ବନପାଳ ଜସ୍ମିତ କିସ୍କୋ, ବନରକ୍ଷୀ ସୁଧୀର କୁମାର ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ ପରିବେଶ ସୁରକ୍ଷାର ତାତ୍ପର୍ଯ୍ୟ ବିଷୟରେ ପିଲାମାନଙ୍କୁ କହିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ କୁଇଜ, ପତ୍ରକଳା, ପ୍ରବନ୍ଧ ଭଳି ପ୍ରତିଯୋଗିତାମାନ କରାଯାଇଥିଲା। କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ଅଭିନ୍ନ କୁମାର ଦାସ, ସୋନାଲି ଶ୍ୱେତପଦ୍ମା, ସୁସ୍ମିତା ବିଶ୍ୱାସ, ବିଷ୍ଣୁ ପ୍ରସାଦ ହରିଚନ୍ଦନ, ଆଲୋକ ଷଣ୍ଡ, ଆନନ୍ଦିତା ରାୟ, ଶୈଳବାଳା ସାହୁ, ସିଦ୍ଧେଶ୍ୱର କାମେଡି, ଶ୍ରାବଣୀ ମଣ୍ଡଳ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ସାମ୍ବାଦିକ କାର୍ତ୍ତିକ ମଲ୍ଲିକ ଓ ଏବିଇଓ ଦେବେନ୍ଦ୍ର କୁମାର ବାଘ ଧନ୍ୟବାଦ ଅର୍ପଣ କରିଥିଲେ।

# ନାଗା ରତ୍ନମ ପ୍ରଦେଶ କଂଗ୍ରେସ କମିଟି ସମ୍ପାଦିକା



**ତେନ୍ତୁଲିଖୁଣ୍ଟି,୨୩।୩(ସମିସ):** ବରିଷ୍ଠ ଜିଲ୍ଲା କଂଗ୍ରେସ ସଭାନେତ୍ରୀ ପି. ନାଗା ରତ୍ନମଙ୍କୁ ପ୍ରଦେଶ କଂଗ୍ରେସ କମିଟି ସମ୍ପାଦିକା ଭାବେ ନିଯୁକ୍ତି ଦିଆଯାଇଛି। ଏଆଇସିସି ପକ୍ଷରୁ ନାଗା ରତ୍ନମଙ୍କୁ ପିସିସି ସମ୍ପାଦିକା ଭାବରେ ମନୋନୀତ କରାଯାଇଥିବା ନେଇ ପିସିସିଙ୍କୁ ଏକ ପତ୍ର ମାଧ୍ୟମରେ ଅବଗତ କରାଯାଇଛି। ଏହାପରେ କଂଗ୍ରେସ ମହଲରେ ଉତ୍ସାହ ଦେଖିବାକୁ ମିଳିଛି। ନବରଙ୍ଗପୁର ଜିଲ୍ଲା ତେନ୍ତୁଲିଖୁଣ୍ଟି ବ୍ଲକ୍ ଦିଗି ପଞ୍ଚାୟତ ଅନ୍ତର୍ଗତ ଚରାମୁଳା ଗ୍ରାମର ପି.ନାଗା ରତ୍ନମ ୧୯୯୨ ମସିହାରେ ରାଜନୀତି ଜୀବନ ଆରମ୍ଭ କରିଥିଲେ। ୧୯୯୨ ମସିହାରେ ପ୍ରଥମ ଥର ଦିଗି ପଞ୍ଚାୟତର ସମିତିସଭ୍ୟା ଭାବେ ନିର୍ବାଚିତ ହୋଇଥିଲେ। ପୁଣିଥରେ ୧୯୯୭ରେ ସମିତିସଭ୍ୟା ଭାବେ ନିର୍ବାଚିତ ହୋଇ ୨୦୦୨ ପର୍ଯ୍ୟନ୍ତ ତେନ୍ତୁଲିଖୁଣ୍ଟି ବ୍ଲକ୍ ଅଧ୍ୟକ୍ଷା ଭାବେ ୫ ବର୍ଷ ରହିଥିଲେ। ଏହା ପରଠୁ ସେ ଆଉ କେବେ ପଛକୁ ଫେରିନାହାନ୍ତି। ଜଣେ ନାରୀନେତ୍ରୀ ଭାବରେ ଜନତାଙ୍କ ସେବାରେ ସେ ଦିନରାତି ଏକ କରି ଦେଇଥିଲେ। ସେହିପରି ନାଗା ରତ୍ନମ ପ୍ରଦେଶ କଂଗ୍ରେସ କମିଟି ସଭ୍ୟା ଭାବରେ ରହି କଂଗ୍ରେସ ପାଇଁ କାର୍ଯ୍ୟ କରୁଥିଲେ। ଚଳିତ ସାଧାରଣ ନିର୍ବାଚନରେ କଂଗ୍ରେସ ଭଲ ପ୍ରଦର୍ଶନ କରିବ ବୋଲି ନବ ପିସିସି ସମ୍ପାଦିକା ନାଗା ରତ୍ନମ ପ୍ରକାଶ କରିଛନ୍ତି।

# ଏପ୍ରିଲ୍ ୧୮ ରୁ ମା’ ମଝିଘରିଆଣୀଙ୍କ ଚୈତ୍ର ପର୍ବ



**ରାୟଗଡ଼ା,୨୩।୩(ସମିସ):** ରାୟଗଡ଼ାର ଅଧିଷ୍ଠାତ୍ରୀ ଦେବୀ ମା’ ମଝିଘରିଆଣୀଙ୍କ ଚଳିତ ବର୍ଷର ଚୈତ୍ର ପର୍ବ ଆସନ୍ତା ଏପ୍ରିଲ୍ ୧୮ ତାରିଖରୁ ଆରମ୍ଭ ହେବ। ପ୍ରତିବର୍ଷ ଭଳି ଚଳିତ ବର୍ଷର ଏହି ଉତ୍ସବକୁ ଧୁମଧାମରେ ପାଳନ କରିବାକୁ ମା’ ମଝିଘରିଆଣୀ ମନ୍ଦିର ଟ୍ରଷ୍ଟ ପରିଚାଳନା କମିଟି ଅଧ୍ୟକ୍ଷ ରାଇସିଂ ବିଡିକା ପ୍ରକାଶ କରିଛନ୍ତି। ଏହି ଅବସରରେ ମା’ଙ୍କ ସୁନାବେଶ ଅନୁଷ୍ଠିତ ହେବ। ଯାହାର ଦର୍ଶନ କରି ଭକ୍ତ ତଥା ଶ୍ରଦ୍ଧାଳୁମାନେ ମା’ଙ୍କ ଆଶୀର୍ବାଦ ଓ କୃପାଲାଭ କରିପାରିବେ। ୧୮ରୁ ୨୪ ତାରିଖ ପର୍ଯ୍ୟନ୍ତ ୬ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ମା’ଙ୍କ ଚୈତ୍ର ପର୍ବରେ ଶାନ୍ତିଶୃଙ୍ଖଳା ବଜାୟ ରଖିବା ପାଇଁ ସ୍ଥାନୀୟ ପୁଲିସ ପ୍ରଶାସନର ସହାୟତା ନିଆଯିବ ବୋଲି ଶ୍ରୀ ବିଡିକା ପ୍ରକାଶ କରିଛନ୍ତି। ଚୈତ୍ର ପର୍ବ ସମୟରେ ରାୟଗଡ଼ା ସହରବାସୀଙ୍କ ସମେତ ଜିଲ୍ଲା ତଥା ଜିଲ୍ଲା ବାହାର ପଡ଼ୋଶୀ ରାଜ୍ୟ ଆନ୍ଧ୍ରପ୍ରଦେଶ, ଛତିଶଗଡ଼ ଭଳି ରାଜ୍ୟରୁ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହେବାର ସମ୍ଭାବନା ରହିଥିବାରୁ ଏହାକୁ ଦୃଷ୍ଟିରେ ରଖି ମା’ଙ୍କ ଦର୍ଶନ ଯେପରି ସୁବିଧାରେ କରିପାରିବେ ସେ ନେଇ ମନ୍ଦିର ପରିଚାଳନା କମିଟି ଏବଂ ପୁଲିସ ପକ୍ଷରୁ ସୁବନ୍ଦୋବସ୍ତ କରାଯିବ ବୋଲି ଶ୍ରୀ ବିଡିକା କହିଛନ୍ତି। ସେହିପରି ଏପ୍ରିଲ ମାସର ଟାଣ ଖରାର ପ୍ରକୋପ ରହିଥିବା ହେତୁ ମନ୍ଦିରରେ ପାନୀୟ ଜଳ ଯୋଗାଣର ବ୍ୟବସ୍ଥା, ଅନ୍ନପ୍ରସାଦ ବଣ୍ଟନର ବ୍ୟବସ୍ଥା ସହ ଶ୍ରଦ୍ଧାଳୁମାନଙ୍କ ରହିବା ନିମନ୍ତେ ମନ୍ଦିର କମିଟି ପକ୍ଷରୁ ବ୍ୟବସ୍ଥା କରାଯିବା ନେଇ ନିଷ୍ପତ୍ତି ଗ୍ରହଣ କରାଯାଇଛି ବୋଲି ଶ୍ରୀ ବିଡିକା ପ୍ରକାଶ କରିଛନ୍ତି। ଏହି ଚୈତ୍ର ପର୍ବରେ ମା’ଙ୍କ ସମସ୍ତ ପୂଜାବିଧି ମଧ୍ୟରେ ଚଣ୍ଡୀପାଠ ଭଳି ଅନେକ ପୂଜା ଅନୁଷ୍ଠିତ ହେବାକୁ ଥିବାବେଳେ ମନ୍ଦିରର ପୂଜକମାନଙ୍କ ଦ୍ୱାରା ପ୍ରତିଦିନ ହେଉଥିବା ପାରମ୍ପରିକ ପୂଜା ମଧ୍ୟ ଅନୁଷ୍ଠିତ ହେବ ଏବଂ ପୂର୍ବ ବର୍ଷ ଭଳି ଏଥର ମଧ୍ୟ ଗଞ୍ଜାମ ଜିଲ୍ଲାର କବିସୂର୍ଯ୍ୟନଗରର ପଣ୍ଡିତମାନେ ଚଣ୍ଡୀପାଠ ନିମନ୍ତେ ଆସିବେ ବୋଲି ତାଙ୍କୁ ନିମନ୍ତ୍ରଣ କରାଯାଇଥିବାବେଳେ ଶାନ୍ତିଶୃଙ୍ଖଳା ରକ୍ଷା କରି ଧୁମଧାମରେ ଏହି ପର୍ବକୁ ପାଳନ କରାଯିବ ବୋଲି ଟ୍ରଷ୍ଟି ଅଧ୍ୟକ୍ଷ ଶ୍ରୀ ବିଡିକା ପ୍ରକାଶ କରିଛନ୍ତି।

# ଅଜଣା ଯୁବକଙ୍କ ମୃତଦେହ ଉଦ୍ଧାର

**ଜୟପୁର,୨୩।୩(ସମିସ):** ଜୟପୁର ଟାଉନ ଥାନା ଅନ୍ତର୍ଗତ ସହରର ଶ୍ରୀରାମ ନଗର ନିକଟସ୍ଥ ରାସ୍ତା ପାର୍ଶ୍ୱରେ ଜଣେ ଅଜଣା ଯୁବକଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଶନିବାର ପୂର୍ବାହ୍ନରେ ସ୍ଥାନୀୟ ବାସିନ୍ଦାମାନେ ଉକ୍ତ ଯୁବକଙ୍କ ମୃତଦେହ ଦେଖି ସ୍ଥାନୀୟ ପୁଲିସକୁ ସୂଚନା ଦେଇଥିଲେ। ଘଟଣାସ୍ଥଳରେ ପୁଲିସ ପହଞ୍ଚି ତଦନ୍ତ ପରେ ମୃତଦେହ ଉଦ୍ଧାର କରି ଜିଲ୍ଲା ଚିକିତ୍ସାଳୟରେ ବ୍ୟବଚ୍ଛେଦ ସହିତ ଶବ ସଂରକ୍ଷିତ ଗୃହରେ ରଖାଯାଇଛି। ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହେବା ସହିତ ମୃତକଙ୍କ କୌଣସି ଦାବିଦାର ଥିଲେ ତାଙ୍କୁ ମୃତ ଶରୀର ହସ୍ତାନ୍ତର କରାଯିବ। ଅନ୍ୟଥା ପ୍ରଶାସନ ପକ୍ଷରୁ ଅନ୍ତ୍ୟେଷ୍ଟିକ୍ରିୟା କରାଯିବ ବୋଲି ଟାଉନ୍ ଥାନା ଅଧିକାରୀ ରମଣୀ ରଞ୍ଜନ ଦଲେଇ ସୂଚନା ଦେଇଛନ୍ତି।

# ଉନ୍ନତୀକରଣ ହେଉନି ଲକ୍ଷ୍ମୀପୁର ହାଟ

## ବ୍ୟବସାୟୀଙ୍କ ମଧ୍ୟରେ ବଢୁଛି ଅସନ୍ତୋଷ



**ଲକ୍ଷ୍ମୀପୁର,୨୩।୩(ସମିସ):** କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ସଦରମହକୁମାରେ ରହିଥିବା ଅତି ପୁରାତନ ହାଟର ଉନ୍ନତୀକରଣ କରାଯାଉ ନ ଥିବାରୁ ବ୍ୟବସାୟୀଙ୍କ ମଧ୍ୟରେ ଅସନ୍ତୋଷ ବଢୁଥିବା ଦେଖିବାକୁ ମିଳିଛି। ଏହି ହାଟକୁ ଅବିଭକ୍ତ କୋରାପୁଟ ଜିଲ୍ଲାରୁ ଲୋକେ ବ୍ୟବସାୟ ପାଇଁ ଆସନ୍ତି। ଏଠାକୁ ହଜାର ହଜାର ଲୋକଙ୍କ ସମାଗମ ହେଉଛି। କିନ୍ତୁ ବହୁ ପୁରାତନ ହାଟ ହୋଇଥିଲେ ବି ତାହାର ଉନ୍ନତୀକରଣ କରାଯାଉ ନ ଥିବା ସ୍ଥାନୀୟ ଲୋକେ ଓ ବ୍ୟବସାୟୀ ଅଭିଯୋଗ କରିଛନ୍ତି। ଆରଏମସି ପକ୍ଷରୁ ପ୍ରତି ହାଟରେ ଟିକସ ଆଦାୟ କରାଯାଉଛି। ଛୋଟ ବଡ଼ ସବୁ ଦୋକାନୀ ଟିକସ ଦେଉଛନ୍ତି। ପ୍ରତି ହାଟରୁ ୬ରୁ ୭ ହଜାର ଟଙ୍କା ଆଦାୟ ହେଉଥିବା ସତ୍ତ୍ୱେ ଏହାର ଉନ୍ନତି ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା ବ୍ୟବସାୟୀ ଓ ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ହାଟର ବଜାର ଘର କେତୋଟି ନଷ୍ଟ ହୋଇଯାଇଥିବାବେଳେ ତାହା ମଧ୍ୟ ବିପଦସଙ୍କୁଳ ଅବସ୍ଥାରେ ରହିଛି। ଏହାରି ତଳେ ଅସୁରକ୍ଷିତ ଭାବେ ଅନେକ ଲୋକ ବସି ବ୍ୟବସାୟ କରୁଛନ୍ତି। ହାଟକୁ ଯିବାଆସିବା ପାଇଁ କୌଣସି ଏକ ନିର୍ଦ୍ଦିଷ୍ଟ ରାସ୍ତା କରାଯାଇ ନାହିଁ। ମାଟି ରାସ୍ତାରେ ବର୍ଷା ଦିନେ ଯିବାଆସିବା ଅତି କଷ୍ଟକର ହେଉଥିବାବେଳେ ପାନୀୟ ଜଳର ବ୍ୟବସ୍ଥା ମଧ୍ୟ ନ ଥିବା ସ୍ଥାନୀୟ ଲୋକେ କହିଛନ୍ତି। ଏହି ହାଟ ଉପରେ ପ୍ରତି ଶନିବାର ସାଧାରଣ ଜନତା ନିର୍ଭର କରିଥାନ୍ତି। ତେଣୁ ଏହାକୁ ପ୍ରଶାସନ ଦୃଷ୍ଟି ଦେଇ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ସ୍ଥାନୀୟ ଅଞ୍ଚଳବାସୀ ଓ ବ୍ୟବସାୟୀ ଦାବି କରିଛନ୍ତି।



### ୧୧ ବର୍ଷ ହେଲା କାର୍ଯ୍ୟକ୍ଷମ ହୋଇପାରିଲା ନାହିଁ ରାୟଗଡ଼ାର ଶୀତଳଭଣ୍ଡାର

# ଜରାଜୀର୍ଣ୍ଣ ଶୀତଳଭଣ୍ଡାର ପାଲଟିଛି ସ୍ମୃତିସ୍ମାରକୀ

**ରାୟଗଡ଼ା,୨୩।୩(ସମିସ)**

ଦୀର୍ଘ ୧୧ ବର୍ଷ ଧରି ଜିଲ୍ଲାର ଚାଷୀକୁଳକୁ ଅଟ୍ଟହାସ୍ୟ କରି ଚାହିଁ ରହିଛି ରାୟଗଡ଼ାଠାରେ ଥିବା ଶୀତଳଭଣ୍ଡାର। ଚାଷୀଙ୍କ ଉତ୍ପାଦିତ ଫଳ, ପନିପରିବା ଆଦିକୁ ସଂଗୃହିତ କରି ଦୀର୍ଘ ଦିନ ଧରି ସଂରକ୍ଷିତ ରଖିବା ଉଦ୍ଦେଶ୍ୟ ନେଇ ୨୦୧୩ରେ ନିର୍ମାଣ ହୋଇଥିବା ଶୀତଳଭଣ୍ଡାର ଏବେ ସମ୍ପୂର୍ଣ୍ଣ ଶୀତଳି ଯାଇଛି। ଫଳରେ ରାୟଗଡ଼ା ଜିଲ୍ଲାରେ ଚାଷୀ ଯେତିକି କ୍ଷତି ସହୁଛି ସେତିକି ପରିମାଣରେ ଖାଉଟିମାନେ ମଧ୍ୟ ଦରଦାମ୍ ବୃଦ୍ଧିକୁ ନେଇ ସବୁ ସମୟରେ ଚିନ୍ତାରେ ପଡୁଛନ୍ତି। ରାୟଗଡ଼ା ସହରର ତୁମ୍ପିଗୁଡ଼ାଠାରେ ଥିବା ଏହି ଶୀତଳଭଣ୍ଡାର ଏବେ ସମ୍ପୂର୍ଣ୍ଣ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ି ସ୍ମୃତି ବହନ କରୁଛି। ଦୀର୍ଘ ୧୧ ବର୍ଷ ହେଲା କାର୍ଯ୍ୟକ୍ଷମ ହୋଇପାରି ନ ଥିବାରୁ ରକ୍ଷଣାବେକ୍ଷଣ ଅଭାବରୁ ଶୀତଳଭଣ୍ଡାର ଭିତରେ ଓ ବାହାରେ ଜଙ୍ଗଲ ସୃଷ୍ଟି ହେଲାଣି।

- ଉତ୍ପାଦିତ ଫଳ, ପନିପରିବା ସଂରକ୍ଷିତ ରଖିବାରେ ଆଜି ବି ଚାଷୀ ହନ୍ତସନ୍ତ
- ରକ୍ଷଣାବେକ୍ଷଣ ଅଭାବରୁ ଚାରିପଟେ ଜଙ୍ଗଲ ସୃଷ୍ଟି ହୋଇଗଲାଣି
- କୋଟି କୋଟି ଟଙ୍କା ବ୍ୟୟରେ କିଣାଯାଇଥିବା ଶୀତତାପ ଯନ୍ତ୍ରପାତି ନଷ୍ଟ ହେଲାଣି

୨୦୦୨ରେ ୪ କୋଟି ୩୮ ଲକ୍ଷ ଟଙ୍କା ବ୍ୟୟରେ ଶୀତଳଭଣ୍ଡାର ନିର୍ମିତ ହୋଇଥିଲା। ୨୦୧୩ ଫେବୃଆରୀ ୪ ତାରିଖ ଦିନ ମୁଖ୍ୟମନ୍ତ୍ରୀ ରାୟଗଡ଼ା ଜିଲ୍ଲାର ଚାଷୀକୁଳ ପାଇଁ ଏହି ଶୀତଳଭଣ୍ଡାରକୁ



ସମର୍ପି ଦେଇଥିଲେ। ତେବେ ଉଦଘାଟନ ଦିନଠାରୁ ଦୀର୍ଘ ୫ ବର୍ଷ ଧରି ଏହା କାର୍ଯ୍ୟକ୍ଷମ ହୋଇ ନ ପାରି ପଡ଼ି ରହିଥିବାବେଳେ ଏହାର ୫ ବର୍ଷ ପରେ ଶୀତଳଭଣ୍ଡାରରେ ଅନ୍ୟାନ୍ୟ କାମ ପାଇଁ ପୁଣି ୨ କୋଟି ୪୦ ଲକ୍ଷ ଟଙ୍କା ରାୟଗଡ଼ା ନିୟନ୍ତ୍ରିତ ବଜାର କମିଟିକୁ ପ୍ରଦାନ କରାଯାଇଥିଲା। ହେଲେ ଦୀର୍ଘ ବର୍ଷ ବିତିଯିବାରୁ ଶୀତଳଭଣ୍ଡାରର କୌଣସି କାମ ନ ହେବାରୁ ଉକ୍ତ ଟଙ୍କା ମାର୍କଫେଡ୍ ସଂସ୍ଥାକୁ ଫେରସ୍ତ ହୋଇଯାଇଥିଲା। ତେବେ ଶୀତଳଭଣ୍ଡାରର କାର୍ଯ୍ୟକ୍ଷମ ନେଇ ମାର୍କଫେଡ୍ ସଂସ୍ଥା ପକ୍ଷରୁ ମୁଖ୍ୟ କାର୍ଯ୍ୟାଳୟକୁ ଚିଠି ମାଧ୍ୟମରେ ବର୍ଷ ବର୍ଷ ଧରି ଅବଗତ କରାଯାଉଥିଲେ ସୁଦ୍ଧା ଚାଷୀଙ୍କ ନିମନ୍ତେ ଉଦ୍ଦିଷ୍ଟ ଏହି ଶୀତଳଭଣ୍ଡାର କେବଳ ନାମକୁ ମାତ୍ର ଆକଶଚୁମ୍ବୀ ବିରାଟକାୟ କୋଠା ଭାବେ ଠିଆ ହୋଇ ରହିଛି। ଏଥିସହ ଶୀତଳଭଣ୍ଡାରକୁ ବେସରକାରୀ ଘରୋଇ ସଂସ୍ଥାକୁ ଲିଜ୍ ଭାବେ ଦେଇ କାର୍ଯ୍ୟକ୍ଷମ କରିବାକୁ ମାର୍କଫେଡ୍ ସଂସ୍ଥା ପକ୍ଷରୁ ଯୋଜନା କରାଯାଉଥିବା ନେଇ ରାୟଗଡ଼ା ମାର୍କଫେଡ୍ ସଂସ୍ଥା କର୍ତ୍ତୃପକ୍ଷ ପୂର୍ବରୁ କହି ଆସୁଛନ୍ତି। କୋଟି କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ଏହି ଶୀତଳଭଣ୍ଡାରରେ ଥିବା ସମସ୍ତ ଶୀତତାପ ଯନ୍ତ୍ରପାତି ବ୍ୟବହାର ନ ହୋଇ ଏବେ ନଷ୍ଟ ହେବାରେ ଲାଗିଛି।

ରାୟଗଡ଼ା ଜିଲ୍ଲାରେ ହଜାର ହଜାର ହେକ୍ଟରରେ ଚାଷୀମାନଙ୍କ ଦ୍ୱାରା ଫଳ ଓ ପନିପରିବା ଚାଷ ହେଉଥିବାବେଳେ ବିଭିନ୍ନ ପ୍ରକାର ଜଙ୍ଗଲଜାତ ଦ୍ରବ୍ୟକୁ ମଧ୍ୟ ସଂଗୃହିତ କରାଯାଇଥାଏ। ତେବେ ଉତ୍ପାଦିତ ଫସଲକୁ ଦୀର୍ଘଦିନ ଧରି ସଂରକ୍ଷିତ ରଖିପାରୁ ନ ଥିବାରୁ ଚାଷ ଜମିରୁ ଟନ୍ ଟନ୍ ପରିବା ଚାଷୀ ଉତ୍ପାଦନ କରୁଥିଲେ ମଧ୍ୟ ବାଧ୍ୟ ହୋଇ କମ୍ ଦରରେ ଚାଷୀମାନେ ବ୍ୟବସାୟୀଙ୍କୁ ବିକ୍ରି କରି ଠକେଇର ଶିକାର ହୋଇ ଆସୁଛନ୍ତି। ଜିଲ୍ଲାର ବିଷମକଟକ, ମୁନିଗୁଡ଼ା, କାଶିପୁର, କଲ୍ୟାଣସିଂହପୁର ଭଳି ଅନ୍ୟ ବ୍ଲକରେ ଅନେକ ପ୍ରକାର ଫଳ, ପନିପରିବା ଚାଷ ଯଥା- ସପୁରୀ ପଣସ, ଆମ୍ବ, ସୀତାଫଳ, ପଣସ, ବୋଇତାଳୁ, ହଳଦୀ, କଦଳୀ, ପୋଟଳ, ଗାଜର, ଫୁଲକୋବି, ପତ୍ରକୋବି, ଖମ୍ବଆଳୁ, ବାଇଗଣ, ଟମାଟୋ, ମୁନିଗା, ତେନ୍ତୁଳି, କାନ୍ଦୁଲ ଆଦି ସହ ଅନ୍ୟାନ୍ୟ ଚାଷ କରାଯାଇ ଭଲ ଫସଲ ଉତ୍ପାଦିତ ହେଉଥିବାବେଳେ ଶୀତଳଭଣ୍ଡାର କାର୍ଯ୍ୟକ୍ଷମ ହେଉ ନ ଥିବାରୁ ବେପାରୀମାନେ ଆସି ଚାଷୀମାନଙ୍କୁ ଉତ୍ପାଦିତ ଫସଲର ଉଚିତ୍ ମୂଲ୍ୟ ନ ଦେଇ କମ୍ ଦରରେ ନେଇ ବାହାର ରାଜ୍ୟକୁ ରପ୍ତାନୀ କରି ଅଧିକ ଟଙ୍କା ରୋଜଗାର କରୁଛନ୍ତି। ରାୟଗଡ଼ା ଜିଲ୍ଲା ଆମ୍ବର ନୂଆଦିଲ୍ଲୀ ବଜାରରେ ବେଶ୍ ଚାହିଦା ଥିବାବେଳେ ବିଷମକଟକର ସପୁରୀ ପଣସ, ହଳଦୀ ମଧ୍ୟ ଜାତୀୟ ବଜାରରେ ଚାହିଦା ରହିଛି। ତେବେ ଏଗୁଡ଼ିକର ମଧ୍ୟ ସଂରକ୍ଷିତ ବ୍ୟବସ୍ଥା ନ ଥିବାରୁ ଜିଲ୍ଲାର ଅମଳ ଫଳକୁ ମଧ୍ୟ ଅଧିକ ଦାମ୍ ଦେଇ ଜିଲ୍ଲାବାସୀ କ୍ରୟ କରିଥାନ୍ତି। ନଚେତ୍ ପଡ଼ୋଶୀ ଆନ୍ଧ୍ରରୁ ଆସୁଥିବା ଫଳ, ପନିପରିବା ଉପରେ ନିର୍ଭର କରି ଚଳୁଛନ୍ତି। ରାୟଗଡ଼ା ଜିଲ୍ଲା ପ୍ରଶାସନ ପାଖରେ ଶୀତଳଭଣ୍ଡାର କାର୍ଯ୍ୟକ୍ଷମ ହେଉ ନ ଥିବା ଖବର ଥିଲେ ମଧ୍ୟ ଚାଷୀ ଓ ଖାଉଟିଙ୍କ ଅସୁବିଧାକୁ ଜାଣି ବି ଚୁପ୍ ରହିବା ହିଁ ଶ୍ରେୟସ୍କର ନୀତିରେ ବସିଥିବା ଚାଷୀ ମହଲରେ ଚର୍ଚ୍ଚା ହେଉଛି। ତେବେ ଶୀତଳଭଣ୍ଡାରର କାର୍ଯ୍ୟକ୍ଷମକୁ ନେଇ ଜିଲ୍ଲାପାଳ ମନୋଜ ସତ୍ୟବାନ୍ ମହାଜନ ଗଣମାଧ୍ୟମର ପ୍ରଶ୍ନକୁ ନେଇ କହିଛନ୍ତି ଯେ କେଉଁ କାରଣରୁ ଏହା ବନ୍ଦ ହୋଇ ପଡ଼ିଛି ତାହାର ତଦନ୍ତ କରାଯିବା ସହ ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ ଡିସେଣ୍ଟ୍ରାଲାଇଜଡ ମଡେଲରେ ଛୋଟ ଛୋଟ ଶୀତଳଭଣ୍ଡାର ନିର୍ମାଣ କରାଯାଇ ଚାଷୀଙ୍କ ଫସଲକୁ ସଂରକ୍ଷିତ ରଖିବା ପାଇଁ ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି।

## ‘ଜଳ ସୁରକ୍ଷା, ଜୀବନ ରକ୍ଷା’ ସଚେତନତା ଶୋଭାଯାତ୍ରା

**ଜୟପୁର,୨୩।୩(ସମିସ):** ଜୟପୁର ଜୟନଗର ସ୍ଥିତ ସାରସ୍ୱତ ବାଲ୍ ମନ୍ଦିର ପକ୍ଷରୁ ଏକ ସଚେତନତା ଶୋଭାଯାତ୍ରା ଶନିବାର ଅନୁଷ୍ଠିତ ହୋଇଥିଲା। ଏଥିରେ ଛାତ୍ରଛାତ୍ରୀ ଓ ଶିକ୍ଷୟିତ୍ରୀମାନେ ଅଂଶଗ୍ରହଣ କରି ଜୟନଗର ଅଞ୍ଚଳରେ ଜନସଚେତନା ସୃଷ୍ଟି କରିଥିଲେ। ବର୍ତ୍ତମାନ ଜଳ ସଙ୍କଟକୁ ନେଇ ‘ଜଳ ସୁରକ୍ଷା, ଜୀବନ ରକ୍ଷା’ ସମ୍ପର୍କରେ ଲୋକଙ୍କୁ ବୁଝାଇଥିଲେ। ଏଥିସହ ଆଗକୁ ଆସୁଥିବା ହୋଲି ଏବଂ ଅଂଶୁଘାତ ସମ୍ପର୍କରେ ସତର୍କ କରାଯାଇଥିଲା। ଅନୁଷ୍ଠାନର ଅଧ୍ୟକ୍ଷା ରିତାଲି ସାହୁଙ୍କ ସମେତ ଅନ୍ୟାନ୍ୟ ଶିକ୍ଷୟିତ୍ରୀମାନଙ୍କ ତତ୍ତ୍ୱାବଧାନରେ ଶୋଭାଯାତ୍ରାରେ ସ୍ଲୋଗାନ ଦେଇ ହାତରେ ପୋଷ୍ଟର




ଧରି ଛାତ୍ରଛାତ୍ରୀମାନେ ପାଇକସାହିରୁ ବାହାରି ଜୟନଗରରେ ପହଞ୍ଚିଥିଲେ।

## କୋରାପୁଟରେ ବିଜେଡିର ନିର୍ବାଚନ ପ୍ରସ୍ତୁତି ବୈଠକ

**କୋରାପୁଟ,୨୩।୩(ସମିସ):** ଆସନ୍ତା ଲୋକସଭା ଓ ବିଧାନସଭା ପରିଚାଳନା ନିମନ୍ତେ ଶନିବାର କୋରାପୁଟ ବିଧାନସଭା ନିର୍ବାଚନମଣ୍ଡଳୀ ଅଞ୍ଚଳରେ ବିଜେଡିର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ରଘୁରାମ ପଡାଲଙ୍କ ବାସଭବନରେ କୋରାପୁଟ ପୌର ପରିଷଦର କାଉନସିଲରମାନଙ୍କ ସହ ଯୁବ ବିଜେଡି ନେତା ଓ ମହିଳା ବିଜେଡି ନେତ୍ରୀମାନେ ଉପସ୍ଥିତ ରହି ରଣନୀତି ପ୍ରସ୍ତୁତ କରିଥିବା ଜଣାପଡ଼ିଛି। କୋରାପୁଟ ପୌର ପରିଷଦର ସମସ୍ତ ୱାର୍ଡର ଭୋଟରମାନଙ୍କ ନିକଟକୁ ଯାଇ ବିଜେଡିର ପ୍ରଚାର କରିବାକୁ ବିଧାୟକ ରଘୁରାମ ପଡ଼ାଲ ଉପସ୍ଥିତ ନେତା ଓ କର୍ମୀଙ୍କୁ ପରାମର୍ଶ ଦେଇଥିଲେ। ଜିଲ୍ଲା ଯୁବ ବିଜେଡି ଉପସଭାପତି ଈଶ୍ୱର ଆଲଡା, ଯୁବନେତା ରକି ପଣ୍ଡା, ଜିଲ୍ଲା ମହିଳା ବିଜେଡି



ଉପସଭାନେତ୍ରୀ ଲିଲି ବୁରୁଡ଼ି, କାଉନସିଲର କାଦମ୍ବିନୀ ସେଠୀ, ପଦ୍ମା ମୁଦୁଲି, ସୁଭଦ୍ରା ମୁଦୁଲି, ପୂର୍ଣ୍ଣତୋୟା ଦୀପଶିଖା କୁଲୁ, ମଧୁସୂଦନ ମାଝୀ, ବି. ମାଲେଶ୍ୱର ରାଓ, କେ.ଗୁପ୍ତେଶ୍ୱର, ରବି ପରଜା, ପ୍ରଫୁଲ୍ଲ କୁମାର ମହାପାତ୍ର ପ୍ରମୁଖଙ୍କ ସହ ଅନ୍ୟାନ୍ୟ ନେତା ଓ କର୍ମୀ ଉପସ୍ଥିତ ଥିଲେ। ଆସନ୍ତା ନିର୍ବାଚନରେ ବିଜେଡି ପ୍ରାର୍ଥୀଙ୍କୁ ବିଜୟୀ କରାଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଷଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ କରି ଦେଶରେ ରେକର୍ଡ ସୃଷ୍ଟି କରିବାକୁ ସମସ୍ତେ ପ୍ରତିଶ୍ରୁତିବଦ୍ଧ ବୋଲି ମତ ପ୍ରକାଶ କରିଥିଲେ।

## ନିର୍ବାଚନ ପାଇଁ ଜିଲ୍ଲା କଂଗ୍ରେସ କମିଟିର ବୈଠକ

**ଜୟପୁର,୨୩।୩(ସମିସ):** ଜୟପୁର ସ୍ଥିତ କୋରାପୁଟ ଜିଲ୍ଲା କଂଗ୍ରେସ ଭବନଠାରେ ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଆସନ୍ତା ବିଧାନସଭା ଏବଂ ସାଧାରଣ ନିର୍ବାଚନ ପୂର୍ବରୁ ଘୋଷଣା ନାମାରେ ୯ଟି ଗ୍ୟାରେଣ୍ଟି ଯୋଜନାକୁ ନେଇ ଜିଲ୍ଲା କଂଗ୍ରେସ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ସୂଚନା ଦିଆଯାଇଛି। ଜିଲ୍ଲା କଂଗ୍ରେସ ସଭାପତି ଶଶିଭୂଷଣ ପାତ୍ରଙ୍କ ଆହ୍ୱାନ କ୍ରମେ ଏହି ସାମ୍ବାଦିକ ସମ୍ମିଳନୀରେ କଂଗ୍ରେସ ଦଳର ବରିଷ୍ଠ ନେତା ତଥା ବିଧାୟକ ତାରା ପ୍ରସାଦ ବାହିନୀପତି ଯୋଗଦେଇ ଏହି ୯ଟି ଗ୍ୟାରେଣ୍ଟି ଯୋଜନା କାର୍ଯ୍ୟକାରିତା ସମ୍ବନ୍ଧରେ ସୂଚନା ଦେଇଥିଲେ। ଆଗାମୀ ଦିନରେ କଂଗ୍ରେସ ଶାସନ ତଥା ସରକାର ଗଠନ କଲେ ଚାଷୀଙ୍କ ଅମଳ ଧାନ କ୍ୱିଣ୍ଟାଲ ପିଛା ୩୦୦୦ ହଜାର ଟଙ୍କା ପ୍ରଦାନ କରାଯିବ, ୨୦୦ ୟୁନିଟ୍ ପର୍ଯ୍ୟନ୍ତ ଦେୟମୁକ୍ତ, ୫ ଲକ୍ଷ ଯୁବକ ଯୁବତୀଙ୍କୁ ନିଯୁକ୍ତି, ୩ ହଜାର ଟଙ୍କା ମାସିକ ବେକାରୀ ଭତ୍ତା, ମହିଳା ସ୍ୱୟଂସହାୟିକା



ଗୋଷ୍ଠୀକୁ ସମ୍ପୂର୍ଣ୍ଣ ଋଣ ଛାଡ଼, ଗୃହଲକ୍ଷ୍ମୀ ଯୋଜନାରେ ଘରର ମୁଖ୍ୟ ମହିଳାଙ୍କୁ ମାସିକ ୨ ହଜାର ଟଙ୍କା, ୨୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସରକାରୀ ଏବଂ ଘରୋଇ ଚିକିତ୍ସାଳୟରେ ଚିକିତ୍ସା ସୁବିଧା ପ୍ରଦାନ ପ୍ରଭୃତି ୯ଟି ଗ୍ୟାରେଣ୍ଟି ଉପରେ ସୂଚନା ଦେଇଥିଲେ। ଏହି ଅବସରରେ ଜୟପୁର ପୌର ପରିଷଦର ଅଧ୍ୟକ୍ଷ ନରେନ୍ଦ୍ର ମହାନ୍ତି, ବରିଷ୍ଠ ସଦସ୍ୟ ନିହାର ବିଷୋୟୀ, ବିନୋଦ ମହାପାତ୍ର, ଭବାନୀ ପ୍ରସାଦ ରଥ, ଯୁବ କଂଗ୍ରସ ସଭାପତି ସମ୍ବିତ ସାମନ୍ତରାୟ, ଛାତ୍ର ସଭାପତି ପ୍ରଣୟ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ। ଏହିପରି ୯ଟି ଗ୍ୟାରେଣ୍ଟି ଘୋଷଣା ନାମାର ପୋଷ୍ଟର ପ୍ରକାଶ କରାଯାଇଥିଲା।

**ରାୟଗଡ଼ା:** ୨୦୨୪ ସାଧାରଣ ନିର୍ବାଚନ ପାଇଁ ଓଡ଼ିଶା ପ୍ରଦେଶ କଂଗ୍ରେସ




କମିଟି(ଓପିସିସି) ପକ୍ଷରୁ ଇସ୍ତାହାର ଜାରି କରାଯାଇ ସରିଛି। ଏହି ପରିପ୍ରେକ୍ଷୀରେ ରାଜ୍ୟ ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ରାୟଗଡ଼ା ଜିଲ୍ଲା କଂଗ୍ରେସ କମିଟି ସଭାପତି ବିଜୟ କୁମାର ଗମାଙ୍ଗଙ୍କ ସଭାପତିତ୍ୱରେ ଜିଲ୍ଲାରେ ଏହି ଇସ୍ତାହାରର ପ୍ରଚାରପ୍ରସାର ପାଇଁ କଂଗ୍ରେସର ଆଭିମୁଖ୍ୟ ବିଷୟକୁ ନେଇ ସ୍ଥାନୀୟ କଂଗ୍ରେସ ଭବନଠାରେ ଏକ ସାମ୍ବାଦିକ ସମ୍ମିଳନୀ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ଏଆଇସିସି ସଦସ୍ୟା ରତ୍ନାମଣି ଉଲାକା, ପିସିସିର ସାଧାରଣ ସମ୍ପାଦକ ଦୁର୍ଗା ପ୍ରସାଦ ପଣ୍ଡା, ଜିଲ୍ଲା କଂଗ୍ରେସ ମିଡିଆ ଅଧ୍ୟକ୍ଷ ଶଙ୍କର୍ଷଣ ମଙ୍ଗରାଜ, ଜିଲ୍ଲା ଉପସଭାପତି ସୁନୀଲ କୁମାର ପଣ୍ଡା, ରାୟଗଡ଼ା ନିର୍ବାଚନମଣ୍ଡଳୀ ଆଶାୟୀ ପ୍ରାର୍ଥୀ ଆପଲା ସ୍ୱାମୀ କାଡ୍ରକା, ଲେଲି ମାଝୀ, ବରିଷ୍ଠ ନେତା ଜିଭିତେଶ୍ୱର ରାଓ ପ୍ରମୁଖ ମଞ୍ଚାସୀନ ଥିଲେ। କଂଗ୍ରେସର ଏହି ଇସ୍ତାହାରକୁ ଜିଲ୍ଲାସ୍ତରରୁ ବୁଥସ୍ତର ପର୍ଯ୍ୟନ୍ତ ବଣ୍ଟନ କରାଯିବ ବୋଲି ମଧ୍ୟ କହିଛନ୍ତି। ଏହି ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଆସଲାମ ଖାନ, ଜିଲ୍ଲା କିଷାନ କଂଗ୍ରେସ ସଭାପତି ଏମ୍.ଗଙ୍ଗାଧର ଆଚାରୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ବିଜରାଗୁଡ଼ା ଗ୍ରାମରେ ବିଜେପିର କର୍ମୀ ସମ୍ମିଳନୀ



**ତେନ୍ତୁଳିଖୁଣ୍ଟି,୨୩।୩(ସମିସ):** ତେନ୍ତୁଳିଖୁଣ୍ଟି ବ୍ଲକ୍ କୁକୁଡ଼ାବାଇ ପଞ୍ଚାୟତ ଅନ୍ତର୍ଗତ ବିଜରାଗୁଡ଼ା ଗ୍ରାମରେ ବିଜେପିର ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ବିଧାୟକ ପ୍ରାର୍ଥୀ ଗୌରୀଶଙ୍କର ମାଝୀ ଉପସ୍ଥିତ ରହି କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ଉଦବୋଧନ ଦେଇଥିଲେ। ଚଳିତ ସାଧାରଣ ନିର୍ବାଚନରେ ବହୁ ସଂଖ୍ୟାରେ ବିଜେପିକୁ ଭୋଟ୍ ଦେଇ ଜୟଯୁକ୍ତ କରାଇବାକୁ ନିବେଦନ କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନହିତକର ଯୋଜନା ଓ ଦଳର ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ମାଧବ ଜାନୀ, ବିଘ୍ନରାଜ ପାତ୍ର, ବିଶ୍ୱନାଥ ପ୍ରଧାନୀ, ଗୋପି ଜାନୀ, ବିକାଶ ସିଂ ଲାଲ, ଧବଲୁ ପାଇକ, ପଞ୍ଚୁ ପାଇକ, ମୋହନ ଜାନୀ, ମଧୁ ଜାନୀ, ସୁବାସ ଜାନୀ, ଜଗ ଜାନୀ, ଦସା ଜାନୀ ବିଜେପିରେ ବିଧିବଦ୍ଧ ଭାବେ ଯୋଗଦେଇଥିବା ଶ୍ରୀ ମାଝୀ ସୂଚନା ଦେଇଛନ୍ତି। ନୂତନ ଭାବେ ଦଳରେ ଯୋଗଦେଇଥିବା ସମସ୍ତଙ୍କୁ ଗୌରୀଶଙ୍କର ମାଝୀ ଉତ୍ତରୀୟ ଓ ଟୋପି ପିନ୍ଧାଇ ସ୍ୱାଗତ କରିଥିଲେ। ବିଘ୍ନରାଜ ପାତ୍ର ଏହି ବୈଠକ ପରିଚାଳନା କରିଥିବାବେଳେ ମୁରଲୀ ପାତ୍ର, ବାବୁଲା ପାତ୍ର, ବିକାଶ ପାତ୍ର ସହଯୋଗ କରିଥିଲେ। ବୈଠକରେ ଜିଲ୍ଲା ସାଧାରଣ ସମ୍ପାଦକ ଦେବଦାଶ ମହାଙ୍କୁଡ଼, ଶୁଭେନ୍ଦୁ ସାମନ୍ତରାୟ, ଭୂବନ ନାୟକ ପ୍ରମୁଖ ଉପସ୍ଥିତ ରହି ବିଜେପିର କାର୍ଯ୍ୟଶୈଳୀ ସମ୍ପର୍କରେ ଉପସ୍ଥିତ ଜନସାଧାରଣଙ୍କୁ ବୁଝାଇଥିଲେ।

## ସେଣ୍ଟ୍ ଜାଭିୟର୍ସ ଇଂଲିଶ ମିଡିୟମ ସ୍କୁଲର ଦ୍ୱିତୀୟ ବାର୍ଷିକ ଉତ୍ସବ

**ମୁକୁନ୍ଦପୁର,୨୩।୩(ସମିସ):** ରାୟଗଡ଼ା ଜିଲ୍ଲା କୋଲନରା ବ୍ଲକ ଅନ୍ତର୍ଗତ ମୁକୁନ୍ଦପୁର ସ୍ଥିତ ସେଣ୍ଟ ଜାଭିୟର୍ସ ଇଂଲିଶ ମିଡିୟମ ସ୍କୁଲର ଦ୍ୱିତୀୟ ବାର୍ଷିକ ଉତ୍ସବ ମହାଆଡ଼ମ୍ବର ସହ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ପବିତ୍ର ରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ଜଗନ୍ନାଥ ସାରକା ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ପାଠ ପଢ଼ିବାକୁ ହେଲେ କଠିନ ପରିଶ୍ରମ କରିବା ସହ ବିଦ୍ୟାଳୟର ନୀତି ଓ ଆଦର୍ଶକୁ ମାନି ଶୃଙ୍ଖଳିତ ଭାବେ ଏକ ଆଦର୍ଶ ଛାତ୍ର ହେବାର ଲକ୍ଷ୍ୟ ନେଲେ ସଫଳତା ମିଳେ ବୋଲି ଶ୍ରୀ ସାରକା ପ୍ରକାଶ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସ୍କୁଲର ଶିକ୍ଷକଶିକ୍ଷୟତ୍ରୀ ଓ ପିଲାମାନଙ୍କ ଅଭିଭାବକଙ୍କ ସମେତ ଅନ୍ୟ ନିମନ୍ତ୍ରିତ ଅତିଥିମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର କୁନିକୁନି ପିଲାମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଅତିଥିଙ୍କ ଦ୍ୱାରା ପିଲାମାନଙ୍କୁ ମଞ୍ଚ ଉପରେ ସମ୍ମାନିତ ସହ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ସ୍କୁଲ ପରିଚାଳନା କମିଟିର ବିରଞ୍ଚି ପାତିକା, ନରେନ୍ଦ୍ର ନିଶାଲ ଓ ମନ୍ମଥା ବାନାଗାଡ଼ିଙ୍କ ସମେତ ଅନ୍ୟମାନେ ଅତି ସୁନ୍ଦର ଭାବେ ପରିଚାଳନ କରିଥିଲେ।




## ଇନ୍ଦ୍ରାବତୀରେ ଉତ୍କଟ ପାନୀୟ ଜଳ ସଙ୍କଟ

**ତେନ୍ତୁଳିଖୁଣ୍ଟି,୨୩।୩(ସମିସ)**

ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକର ମୁଖ୍ୟ ବ୍ୟାବସାୟିକ ଦପ୍ତର ଇନ୍ଦ୍ରାବତୀରେ ପାନୀୟ ଜଳ ସଙ୍କଟ ଉତ୍କଟ ହୋଇଛି। ଦୀର୍ଘ ବର୍ଷରୁ ପାନୀୟ ଜଳଯୋଗାଣ ପାଇଁ ଦାବି ହେଉଥିଲେ ସୁଦ୍ଧା ପ୍ରଶାସନ ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ହୋଇଛି। ଉକ୍ତ ଅଞ୍ଚଳରେ ଏବେ କଳ ଅଛି କିନ୍ତୁ ଜଳ ନାହିଁ। ଯାହାକୁ ନେଇ ଏବେ

- କଳ ଅଛି, ଜଳ ନାହିଁ; ସାଧାରଣରେ ବଢୁଛି ଅସନ୍ତୋଷ

ସାଧାରଣରେ ଅସନ୍ତୋଷ ବୃଦ୍ଧି ପାଉଥିବା ଦେଖିବାକୁ ମିଳିଛି।

ସରକାର ‘ବସୁଧା’ ଯୋଜନାରେ ଇନ୍ଦ୍ରାବତୀବାସୀଙ୍କୁ ଜଳ ଯୋଗାଇବା ପାଇଁ ଯୋଜନା କରିଛନ୍ତି। ଲକ୍ଷ ଲକ୍ଷ ଟଙ୍କା ବିନିମୟରେ ପାଣି ଟାଙ୍କି, ପାଇପ୍ ସଂଯୋଗୀକରଣ, ପାଣି ପମ୍ପ୍ ଗୃହ ନିର୍ମାଣ ସାଙ୍ଗକୁ ପମ୍ପ୍ ଲଗାଯାଇଛି। ସମସ୍ତ ପ୍ରକାର ଆବଶ୍ୟକ କଳ ଅଛି। କିନ୍ତୁ ଜଳ ନ ଥିବା କହିବା ସହ ପ୍ରକଳ୍ପ ଆରମ୍ଭରୁ ସଠିକ୍ ଭାବରେ ପାନୀୟ ଜଳଯୋଗାଣ ହୋଇ ନ ଥିବା କହିଛନ୍ତି ଇନ୍ଦ୍ରାବତୀବାସୀ। ପ୍ରତିବର୍ଷ ଗ୍ରୀଷ୍ମ ଆରମ୍ଭରେ ଏହି ପ୍ରକଳ୍ପକୁ ନେଇ ଖବର ପ୍ରକାଶ ପରେ ବିଭାଗୀୟ ଯନ୍ତ୍ରୀ ଆସି ପାଣି ଖୋଲନ୍ତି। ପାଣି ଆସିଗଲା କହି ଚାଲି ଯାଆନ୍ତି। ଏହାପରେ ଯଥା ପୂର୍ବଂ ତଥା ପରଂ ଭଳି କଳରେ ଜଳ ଆସୁ ନ ଥିବା ଲୋକେ ଅଭିଯୋଗ କରୁଛନ୍ତି। ସେହିପରି ସରକାର ଶହ ଶହ କୋଟି ଟଙ୍କା ବିନିମୟରେ ମେଗା ପ୍ରକଳ୍ପ କରି ପ୍ରତି ପରିବାର ନିକଟରେ ପାନୀୟ ଜଳ ପହଞ୍ଚାଇବା ପାଇଁ ଲକ୍ଷ୍ୟ ରଖିଥିବାବେଳେ ବିଭାଗୀୟ ଅଧିକାରୀଙ୍କ ମନୋଭାବ ଯୋଗୁଁ ନିର୍ଦ୍ଧାରିତ ସମୟ ସୀମା ଗଡ଼ି ଗ୍ରୀଷ୍ମ ପରେ ଗ୍ରୀଷ୍ମ ଆସୁଛି କିନ୍ତୁ ମେଗା ପ୍ରକଳ୍ପ କାର୍ଯ୍ୟ ସରୁ ନ ଥିବାରୁ ଅସନ୍ତୋଷ ଦେଖାଦେଉଛି। ତୁରନ୍ତ ମେଗା ପ୍ରକଳ୍ପରେ ପାଇପ୍ ସଂଯୋଗ କରି ଇନ୍ଦ୍ରାବତୀବାସୀଙ୍କୁ ଜଳଯୋଗାଣ କରାଯିବାକୁ ଦାବି ହୋଇଛି।





## କଂଗ୍ରେସର ନିର୍ବାଚନୀ ଇସ୍ତାହାର ଲୋକାର୍ପିତ

**ନବରଙ୍ଗପୁର,୨୩।୩(ସମିସ):** ନବରଙ୍ଗପୁର ଜିଲ୍ଲା କଂଗ୍ରେସ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ କରାଯାଇ ନିର୍ବାଚନ ଇସ୍ତାହାରକୁ ଜିଲ୍ଲାବାସୀଙ୍କ ଉଦ୍ଦେଶ୍ୟରେ ଲୋକାର୍ପଣ କରାଯାଇଛି। ଏହି ଇସ୍ତାହାରରେ ରହିଥିବା କଂଗ୍ରେସର ୯ଟି ଗ୍ୟାରେଣ୍ଟିକୁ ତୃଣମୂଳ ସ୍ତରରେ ପହଞ୍ଚାଯିବ ବୋଲି କୁହାଯାଇଥିଲା। ଏହି ଇସ୍ତାହାରରେ ବୋନସ ସହ ଧାନର କ୍ରୟ ମୂଲ୍ୟ କ୍ୱିଣ୍ଟାଲ ପ୍ରତି ୩୦୦୦ ଟଙ୍କା, କୃଷିଋଣ ଛାଡ଼, କୃଷକ ପାଇଁ ମାସିକ ପେନସନ୍ ୨୦୦୦ ଟଙ୍କା ଆଦି ରହିଥିବା କୁହାଯାଇଥିଲା। କଂଗ୍ରେସ କ୍ଷମତାକୁ ଆସିଲେ ପ୍ରଥମେ ଯୁବବର୍ଗଙ୍କୁ ନ୍ୟାୟ ପ୍ରଦାନ କରିବ। କେନ୍ଦ୍ର ସରକାର କଂଗ୍ରେସର ଇଲେକ୍ଟୋରାଲ ବେଣ୍ଡକୁ ସିଜ୍ କରିଥିବା ପ୍ରତିବାଦରେ ଡ.ଲିପିକା ମାଝୀଙ୍କ



ନେତୃତ୍ୱରେ ଯୁବ କଂଗ୍ରେସ ପକ୍ଷରୁ ଆନ୍ଦୋଳନ କରାଯାଇଥିଲା। ଏହି ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା କଂଗ୍ରେସ ସଭାପତି ଭୁଜବଳ ମାଝୀ, ଜିଲ୍ଲା ପରିଷଦ ସଭ୍ୟା ତଥା ଜିଲ୍ଲା ଯୁବ କଂଗ୍ରେସ ସଭାନେତ୍ରୀ ଲିପିକା ମାଝୀ, ଜିଲ୍ଲା କଂଗ୍ରେସ ଉପସଭାପତି ଦିଲ୍ଲୀପ କୁମାର ବେହେରା, ବରିଷ୍ଠ ନେତା ସତ୍ୟ ନାରାୟଣ ତ୍ରିପାଠୀ, ପୂର୍ବତନ ମହିଳା କଂଗ୍ରେସ ସଭାନେତ୍ରୀ ପି .ନାଗରତ୍ନମ, ବରିଷ୍ଠ ନେତା ବୃନ୍ଦାବନ ତ୍ରିପାଠୀ, ଧରମ ସିଂ, ଦ୍ୱାରିକା ମହାପାତ୍ର, ପଦମ୍ ସାଇ ମାଳୀ, କୃଷ୍ଣ ମାଝୀ, ବାବୁଲି ବାଘ, ଦିଲ୍ଲୀପ ପ୍ରଧାନୀ, ପ୍ରହ୍ଲାଦ ହିଆଲ୍, ଭୀମ ପାଣିଗ୍ରାହୀ, ପ୍ରଦୀପ ସାହୁ, ଦେବକାନ୍ତ ପଣ୍ଡା, ତୁଫାନ ଷଡ଼ଙ୍ଗୀ, ବାମଦେବ ନାୟକ, ମୁକେଶ ଜୈନ, ସୁରଜ୍ ଲାଲ, ଶ୍ରୀକାନ୍ତ ମିଶ୍ର, ଆକବର ହୁସେନ, ବାସୁଦେବ ପଟ୍ଟନାୟକ, ଗୋପାଳ ତ୍ରିପାଠୀ, ବନମାଳୀ ଭତରା, ବଣ୍ଟି ଖାନ୍ ପ୍ରମୁଖଙ୍କ ସହ ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

